ଧରିତ୍ରୀ
DHARITRI
ସୋମବାର, ୧୦ ସେପ୍ଟେମ୍ବର, ୨୦୧୮



# ୮୧ କି.ମି. ଉପକୂଳ ଅସୁରକ୍ଷିତ

- କ୍ଷୟ ହେଉଛି ମୃତ୍ତିକା
- ମାଡ଼ି ଆସୁଛି ସମୁଦ୍ର
- ବଦଳୁଛି ଭୌଗୋଳିକ ସ୍ଥିତି

ପ୍ରଦୀପ ଦାସ
ଭୋଗରାଇ, ୯।୯

କ୍ରମାଗତ ମୃତ୍ତିକା ଅବକ୍ଷୟ ଯୋଗୁ ସମୁଦ୍ର କୂଳ ଧୀରେ ଧୀରେ ସ୍ଥଳଭାଗ ଆଡ଼କୁ ମାଡି ଆସୁଛି। ପଶ୍ଚିମବଙ୍ଗ-ଓଡ଼ିଶା ସୀମା ଉଦୟପୁରଠାରୁ ବାଲେଶ୍ୱର ଜିଲାର ଗୋପାଳପୁର ପର୍ଯ୍ୟନ୍ତ ୮୧ କି.ମି. ଉପକୂଳରେ ବେଳା କ୍ଷୟ ପରିବେଶବିତ୍ ଓ ଭୂତତ୍ତ୍ୱ ବିଶେଷଜ୍ଞଙ୍କ ଚିନ୍ତା ବଢାଇଛି। ଭୋଗରାଇ, ବାଲିଆପାଳ, ବସ୍ତା ଓ ବାଲେଶ୍ୱର ସଦର ବ୍ଲକର ଶତାଧିକ ଗ୍ରାମ ଆଡ଼କୁ ସମୁଦ୍ର ମାଡିଆସୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଘନଘନ ଝଡ଼ବର୍ଷା, ଲଘୁଚାପ ସାଙ୍ଗକୁ ଜଳବାୟୁର ଅନିୟମିତତା କାରଣରୁ ସବୁବେଳେ ସମୁଦ୍ର ଅଶାନ୍ତ ରହୁଛି। ବର୍ଷାଦିନେ ଆଷାଢ଼, ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସରେ ସମୁଦ୍ର ଉଗ୍ରରୂପ ଧାରଣ କରି ଉପକୂଳ ପ୍ରତି ଭିତି ସଞ୍ଚାର କରୁଛି। ପ୍ରବଳ ଜୁଆର କୂଳ ଲଘି କୃଷିକ୍ଷେତ୍ରକୁ ଲୁଣା ପ୍ଲାବିତ କରୁଛି। ଏହି ସମସ୍ୟାର ପ୍ରତିକାର ଦିଗରେ ବିଭାଗୀୟ ପ୍ରଶାସନ ଫେଲ୍ ମାରୁଥିବାରୁ ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି।

ଉପକୂଳରେ ଥିବା ଝାଉଁ ଜଙ୍ଗଲ ଏକଦା ସୁରକ୍ଷା ପାଚେରି ଭଳି ଝଡ଼ବାତ୍ୟାକୁ ପ୍ରତିରୋଧ କରୁଥିଲା। ୧୯୯୯ ମହାବାତ୍ୟାଠାରୁ ଜଙ୍ଗଲ ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି। ନିୟତ ଜୁଆର ମାଡ଼ରେ ଝାଉଁ ଜଙ୍ଗଲ ସମୁଦ୍ର ଗର୍ଭକୁ ଚାଲିଯାଉଛି। ଏଥିଲାଗି ଭୋଗରାଇ ବ୍ଲକର ଉଦୟପୁର, ସାହାପୁର, ଗମ୍ଭାରିଆ, ବିନ୍ଧାପଦ୍ମପୁର, ସୁବର୍ଣ୍ଣପୁର, କୃଷ୍ଣନଗର, ଆରୁହାପାଳ, କନିଆନଗର, ଶ୍ରଦ୍ଧାପୁର, ବିଚିତ୍ରପୁର, ଖଡ଼ିବିଲ, ବଡ଼ପାହି, ନାରାୟଣ ମହାନ୍ତି ପଡ଼ିଆ, କୀର୍ତ୍ତନିଆ, ଚନ୍ଦ୍ରବାଲି ଗ୍ରାମ ସମୁଦ୍ର କୂଳରେ ରହିଥିବାବେଳେ ବାଲିଆପାଳ ବ୍ଲକର ଚୌମୁଖ, କଙ୍କଡ଼ାପାଳ, ହସକରା, ବାଲେଶ୍ୱର ସଦର ବ୍ଲକର କଷାଫଳ, ବାହାବଳପୁର, ପରଖି ଆଦି ସମୁଦ୍ରକୂଳିଆ ଗ୍ରାମର ଲୋକେ ସବୁବେଳେ ପ୍ରାକୃତିକ ବିପତ୍ତିକୁ ସାମ୍ନା କରି ଆସୁଛନ୍ତି। ଅମାବାସ୍ୟା, ପୂର୍ଣ୍ଣିମାରେ ଜୁଆର ମାଡ଼ରେ ଝାଉଁ ଜଙ୍ଗଲ ଧରାଶାୟୀ ହେଉଛି। ସୁବର୍ଣ୍ଣରେଖା ମୁହାଣର ବିପରୀତ ପାର୍ଶ୍ୱରେ ଥିବା ଭୋଗରାଇ ଓ ବାଲିଆପାଳ ବ୍ଲକର କେତେକ ଗାଁ ପ୍ରତି ଅଧିକ ବିପଦ ଘନୀଭୂତ ହୋଇଛି। ସୁବର୍ଣ୍ଣରେଖା ମୁହାଣ ପୋତିହୋଇ ପଡୁଥିବାରୁ ସେହିପଟେ ଅଧିକ ଜୁଆର ମାଡ଼ ହେଉଛି। ଫଳରେ ସମୁଦ୍ର କୂଳ ଓ ନଦୀ ମୁହାଣ ଅଞ୍ଚଳର ଭୌଗୋଳିକ ମାନଚିତ୍ର ବଦଳିବାରେ ଲାଗିଛି। ସମୁଦ୍ରକୁ ସଂଯୋଗ କରୁଥିବା ଖାଳ, ନାଳ ମୁକୁଳା ପଡିଥିବା ଏବଂ ସ୍ଲୁଇସ୍ ଗେଟ୍ ଅକାମୀ ହେବା ଯୋଗୁ ଲୁଣାପାଣି ଧାନଚାଷର ବ୍ୟାପକ କ୍ଷତି ଘଟାଉଛି। ଭୋଗରାଇର ତାଳସାରୀ, ଦକ୍ଷିଣ-ପଶ୍ଚିମ ସୁବର୍ଣ୍ଣପୁର ଗାଁ ଏକପ୍ରକାର ସମୁଦ୍ର ଆଁ ଭିତରେ ରହିଛି। ଏଥିଲାଗି ଗାଁରେ ବସବାସ କରୁଥିବା ୨ଶହ ମତ୍ସ୍ୟଜୀବୀ ପରିବାର ଭୟ ଓ ଆତଙ୍କ ମଧ୍ୟରେ ରହୁଛନ୍ତି। ସମୁଦ୍ରର ଅଶାନ୍ତ ସ୍ଥିତି ଲୋକଙ୍କ ଜୀବନ ଜୀବିକାରେ ବାଧକ ସାଜିଛି। ସମ୍ପ୍ରତି କୀର୍ତ୍ତନିଆ ନଦୀ ମୁହାଣରେ ଡଙ୍ଗାବୁଡି ଯିବାରୁ ୫ଜଣ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ସରକାରଙ୍କ ପକ୍ଷରୁ ଉପକୂଳକୁ ସୁରକ୍ଷା ଦେବା ଲାଗି ସୀମାନ୍ତ ଉଦୟପୁରଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ୧୨ କି.ମି. ପଥରବନ୍ଧ ନିର୍ମାଣ ଯୋଜନା ଅଧାପନ୍ତରିଆ ହୋଇପଡିରହିଛି।


ଜୁଆର ମାଡ଼ରେ ଧରାଶାୟୀ ଝାଉଁ ଜଙ୍ଗଲ।


ଜୁଆରମାଡରେ ପ୍ରଭାବିତ ହେଉଛି ବେଳାଭୂମିରେ ଥିବା ଦୋକାନ।

## ସଂକ୍ଷେପରେ

### ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




ବସ୍ତା, ୯।୯(ସ୍ୱ.ପ୍ର.): ପେଟ୍ରୋଲ ଓ ଡିଜେଲର ଅହେତୁକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ରବିବାର ସକାଳେ ବସ୍ତା ବିଜେଡି ପକ୍ଷରୁ ୬୦ନଂ. ଜାତୀୟ ରାଜପଥର ଗହୀରସିମୁଳିଆ ନିକଟସ୍ଥ ଲକ୍ଷ୍ମୀନାରାୟଣ ପେଟ୍ରୋଲ ପମ୍ପ ଓ ଶିବମ୍ ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିକ୍ଷୋଭ କରାଯାଇଥିଲା। ବିଧାୟକ ସମେତ ଦଳର ବରିଷ୍ଠ କର୍ମକର୍ତ୍ତା, ଜନପ୍ରତିନିଧି ଓ କର୍ମୀମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ତଥା ଜିଲା ପରିଷଦ ସଦସ୍ୟ ତ୍ରିଲୋଚନ ବେହେରା, ଉପସଭାପତି ଅନାଦି ଦାସ, ଏମ୍‌ପି ପ୍ରତିନିଧି ମହାଦେବ ଦାସ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଯୁବସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ସରପଞ୍ଚ ଦେବୀକା ସୋରେନ, ଲିପିକା ରାଉଳ, ଅନିଲ କୁମାର ମହାନ୍ତିଙ୍କ ସମେତ ଅନେକ ବିଜେଡି କର୍ମୀ ଯୋଗ ଦେଇଥିଲେ।

### ୧୧ରେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିବ ଭାଜପା

ବସ୍ତା, ୯।୯(ସ୍ୱ.ପ୍ର.): ବସ୍ତା ବିଦ୍ୟୁତ୍ ବିଭାଗ ଅଧୀନ ବିଭିନ୍ନ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିଭାଗ ଉପଭୋକ୍ତାଙ୍କୁ ନାଲି ଆଖି ଦେଖାଇ ବିଭିନ୍ନ ଉପାୟରେ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍‌କାଟ ସାଙ୍ଗକୁ ଲୋ ଭୋଲଟେଜ୍ ସମସ୍ୟା ବୃଦ୍ଧି ପାଇଥିବାରୁ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦ କରି ବସ୍ତା ଭାଜପା ପକ୍ଷରୁ ଆସନ୍ତା ୧୦ତାରିଖରେ ହେବାକୁ ଥିବା ବସ୍ତା ନିର୍ବାହୀଯନ୍ତ୍ରୀ କାର୍ଯ୍ୟାଳୟ ଘେରାଉ ଭାରତ ବନ୍ଦ ପାଇଁ ୧୧ ତାରିଖରେ ହେବ ବୋଲି ଭାଜପା ନେତା ଶ୍ୟାମାପ୍ରସାଦ ବେହେରା ପ୍ରକାଶ କରିଛନ୍ତି।

### ଡାକ୍ତର ବିଷ୍ଣୁପଦଙ୍କ ଶ୍ରାଦ୍ଧବାର୍ଷିକୀ



ଖଇରା,୯।୯(ଡି.ଏନ.ଏ.): ଖଇରା ବ୍ଲକ ଅର୍ଜୁନପୁର ଗ୍ରାମରେ ଡା. ବିଷ୍ଣୁପଦ ମହାପାତ୍ର ସ୍ମୃତିପରିଷଦ ଆନୁକୂଲ୍ୟରେ ବିଦେଶ ଫେରନ୍ତା ଡାଃ ବିଷ୍ଣୁପଦ ମହାପାତ୍ରଙ୍କ ଅଷ୍ଟାବିଂଶତମ ପୁଣ୍ୟ ଶ୍ରାଦ୍ଧତିଥି ହାଇକୋର୍ଟ ଆଇନଜୀବୀ ଭରତଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅନୁଷ୍ଠାନର ସ୍ୱର୍ଗତ ଡାକ୍ତରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସାଙ୍ଗକୁ ଧୂପଦୀପ ପ୍ରଦାନ କରାଯାଇଥିଲା। ସମ୍ପାଦକ ରାଧାଶ୍ୟାମ ପଣ୍ଡା ଓ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇ ଡାକ୍ତର ଏକାଧାରାରେ ଅସ୍ଥିଶଲ୍ୟ ବିଶେଷଜ୍ଞ, ଔଷଧ ବିଶେଷଜ୍ଞ ଭାବରେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କର ଅକାଳ ବିୟୋଗ ଆମ ଅଞ୍ଚଳ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି କହିଥିଲେ। ବକ୍ତା ଭାବେ ଜଗଦାନନ୍ଦ ମହାପାତ୍ର ଓ ସନ୍ତୋଷ କୁମାର ବିଶ୍ୱାଳ ଡାକ୍ତର ଗାଁ ମାଟିକୁ ଅତ୍ୟନ୍ତ ଭଲପାଉଥିଲେ ଏବଂ ବାମପନ୍ଥୀ ଆଦର୍ଶର ଏକ ପ୍ରତୀକ ଥିଲେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମକୃଷ୍ଣ ମହାପାତ୍ର, ପୁରୁଷୋତ୍ତମ ବେହେରା, ଭଗବାନ ଦାସ ଚିନ୍ତାମଣି ସେଠୀ, ସନ୍ତୋଷ ସାହୁ, ପ୍ରଶାନ୍ତ ବାରିକ, ହରେକୃଷ୍ଣ କୁଅଁର, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଡାକ୍ତରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


@ ଟ୍ୱିଙ୍କିଲ


@ ଅନିମେଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ପ୍ଲାଷ୍ଟିକ ବର୍ଜନ କରିବାକୁ ଶପଥ

ବାଲେଶ୍ୱର ଅଫିସ, ୯।୯

ଶହୀଦ ବାଘାଯତୀନଙ୍କ ୧୦୩ତମ ସ୍ମୃତି ଦିବସ ଅବସରରେ ବାଲେଶ୍ୱର ବାରବାଟୀସ୍ଥିତ ବାଘାଯତୀନ କ୍ଲବ ପକ୍ଷରୁ ରବିବାର କଲ୍ୟାଣମଣ୍ଡପ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାତାମାନଙ୍କୁ ୧ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରି ରକ୍ତଦାନ ଭଳି ମହତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ଏକ ଅଭିନବ ଉପାୟ କ୍ଲବ ତରଫରୁ ପ୍ରଶଂସନୀୟ ହୋଇପାରିଛି। ଏହି ଅବସରରେ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ଉଦ୍ଦେଶ୍ୟରେ ସଦସ୍ୟମାନେ ପ୍ଲାଷ୍ଟିକ୍ ବର୍ଜନ କରିବାର ଶପଥ ନେଇଥିଲେ।

ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ ଶିବିରକୁ ଶୁଭ ଉଦ୍‌ଘାଟନ କରି ରକ୍ତଦାନର ମହତ ଉଦ୍ଦେଶ୍ୟ ସମ୍ପର୍କରେ କ୍ଲବର ଯୁବକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉପଜିଲାପାଳ ନୀଲୁ ମହାପାତ୍ର, ମୁଖ୍ୟ ଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ ଅତିଥି ଭାବେ ଯୋଗଦେଇ କ୍ଲବର ସଦସ୍ୟମାନଙ୍କର ଏପରି ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ବୀମାରାଶିର ପ୍ରମାଣପତ୍ର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ରକ୍ତଦାତାମାନଙ୍କୁ ପ୍ରଦାନ କରାଯାଇଥିଲା। କ୍ଲବର ସଦସ୍ୟ ଗୋପାଳ ଆଚାର୍ଯ୍ୟ, ଅମିତ୍ କୁମାର କର, ସୁବ୍ରତ କର, ଚୈତାଲି ପଣ୍ଡା, ବିଶ୍ୱଦୀପ ପଣ୍ଡା, ସାମଲ କ୍ରୀଷ୍ଟା ଦେ, ମନୋଜ ରାୟ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।


ରକ୍ତଦାନ ଶିବିରରେ ଜଣେ ବ୍ୟକ୍ତି ରକ୍ତ ଦେଉଛନ୍ତି।

# ମହିଳାଙ୍କ ଘରୁ ଲୁଟ୍

ସୋର, ୯।୯(ଡ଼ି.ଏନ୍.ଏ.)

ସୋର ଥାନା ଅନ୍ତର୍ଗତ ମାଣିପୁର ପଞ୍ଚାୟତ ଦୁଳିପଦା ଗ୍ରାମର ପଦ୍ମଲୋଚନ ବେହେରାଙ୍କ ସ୍ତ୍ରୀ କଳ୍ପନା ଘରେ ଏକୁଟିଆ ଥିବା ସୁଯୋଗ ନେଇ ରବିବାର ସନ୍ଧ୍ୟାରେ ୪ଜଣ ଯୁବକ ମଟରସାଇକେଲରେ ଆସି ତାଙ୍କ ଘରୁ ସର୍ବସ୍ୱ ଲୁଟି ନେଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ସେମାନେ ପହଞ୍ଚି ମହିଳାଙ୍କୁ ତୁମର ଇନ୍ଦିରା ଆବାସ ଆସିଛି ବୋଲି କହି କାଗଜପତ୍ର ଦେବାକୁ କହିଥିଲେ। ମହିଳାଜଣକ ଘର ଭିତରକୁ ଯିବା ପରେ ଯୁବକମାନେ ଘର ଭିତରକୁ ପଶି ମହିଳାଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ପରେ ସେମାନେ ଆଲମିରା ଖୋଲି ସମସ୍ତ ସୁନାଗହଣା ନେଇ ଚମ୍ପଟ ମାରିଥିଲେ।

# ଲଘୁଚାପ ବର୍ଷାରେ ଘର ଭାଙ୍ଗିଲା

ଖଇରା, ୯।୯(ଡି.ଏନ.ଏ.)

ଦୁଇଦିନ ଧରି ପ୍ରବଳ ଲଘୁଚାପ ବର୍ଷା ପ୍ରଭାବରେ ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତ ଅଧୀନ ଝାଟିଆ ଗ୍ରାମର ଗୋବିନ୍ଦ ପାତ୍ରଙ୍କ ଘର ଭୁଶୁଡ଼ି ପଡ଼ିଛି। ଏଥିରେ ତାଙ୍କର ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଥିବା କୁହାଯାଉଛି। ତୁରନ୍ତ ତାଙ୍କର ରହିବା ଓ ଖାଇବା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।


ଭଙ୍ଗା ଘର ଆଗରେ ଗୋବିନ୍ଦ ପାତ୍ରଙ୍କ ପରିବାର।

# 'ଫକୀରମୋହନଙ୍କ ରଚନା ଏକ ଉଚ୍ଚାଙ୍ଗ ମୂଲ୍ୟବୋଧ'

ବାଲେଶ୍ୱର ଅଫିସ, ୯।୯

ବ୍ୟାସକବି ଫକୀରମୋହନ ସେନାପତିଙ୍କ ରଚନାରେ ସାମାଜିକ ଚେତନା ଆଧୁନିକ ସାହିତ୍ୟକୁ ଉଚ୍ଚାଙ୍ଗ ମୂଲ୍ୟବୋଧ ପ୍ରଦାନ କରିଛି। ନୂଆ ପିଢିର ସାହିତ୍ୟିକଙ୍କ ପାଇଁ ତାଙ୍କ ରଚନା ଶୈଳୀ ସବୁ ସମୟରେ ପ୍ରେରଣା ଯୋଗାଇବ ବୋଲି ଏଠାରେ ଫକୀରମୋହଙ୍କ ସାହିତ୍ୟ କର୍ମଶାଳାରେ ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ସହଯୋଗରେ ରବିବାର ଗାନ୍ଧିସ୍ମୃତି ଭବନଠାରେ ଫକୀରମୋହଙ୍କ ସାହିତ୍ୟ ସମ୍ପର୍କିତ ଦିବସବ୍ୟାପି କର୍ମଶାଳା ଆୟୋଜିତ ହୋଇଥିଲା। ଏହାର ପୂର୍ବାହ୍ନ ଅଧିବେଶନକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଫକୀରମୋହନଙ୍କ ତାଙ୍କ ସମସାମୟିକ କୁଳବୃଦ୍ଧ ମଧୁସୂଦନ ଓ ରାଧାନାଥଙ୍କ ସହ ମିଶି ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କିଭଳି କାର୍ଯ୍ୟ କରିଥିଲେ ତାହା ଉଲ୍ଲେଖ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ଡ. ହରିଶ୍ଚନ୍ଦ୍ର ବେହେରା ବରେଣ୍ୟ ଅତିଥି ଏବଂ ପ୍ରାବନ୍ଧିକ ଓ ପ୍ରାଧ୍ୟାପକ ଡ. ଅଭିରାମ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟର ବିଭିନ୍ନ ବିଭବ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁଗ୍ମ ସମ୍ପାଦକ କଲ୍ୟାଣୀ ନନ୍ଦ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡେମୀର ଅନ୍ୟତମ ସଦସ୍ୟ ଡ. ଅରବିନ୍ଦ ଗିରି ପୌରୋହିତ୍ୟ କରିଥିଲେ। ବରିଷ୍ଠ ସାହିତ୍ୟିକ ଡ. ବ୍ରଜମୋହନ ମିଶ୍ର ଓ ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ନିବାରଣ ଜେନା ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଯୁଗ୍ମ ସମ୍ପାଦକ କାଳିପଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନ ଅଧିବେଶନରେ ପୌରୋହିତ୍ୟ କରିଥିଲେ ବରିଷ୍ଠ ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତି। ପ୍ରାବନ୍ଧିକ ଡ. ମଥୁରାନାଥ ହୋତା ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଜୟନ୍ତ କୁମାର ଦାସ ସମ୍ମାନନୀୟ ଆଲୋଚକ ଭାବେ ଯୋଗଦେଇ ପରବର୍ତ୍ତୀ ପିଢ଼ି ଉପରେ ଫକୀରମୋହନ ସାହିତ୍ୟର ପ୍ରଭାବ ନେଇ ଆଲୋଚନା କରିଥିଲେ। ଅପରାହ୍ନରେ ଫକୀରମୋହନଙ୍କ ସଙ୍ଗୀତ ଆସର ପରିଷଦ ଉପସଭାପତି ପ୍ରଦୀପ ଚାଟାର୍ଜୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଫକୀରମୋହନଙ୍କ ରେବତୀ ଗଳ୍ପର ସଙ୍ଗୀତ ରୂପ ଦର୍ଶକଙ୍କ ମନ ମୋହିଥିଲା। କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ସୁଷମା ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନାରାୟ ମହାପାତ୍ର, ବାସନ୍ତୀ ଦେ, ମାନସୀ ଦାସ, ସ୍ନିଗ୍ଧା ସାମନ୍ତରାୟ, ଜ୍ୟୋତ୍ସ୍ନା ସେନାପତି ଓ ସୁବ୍ରତା ମହାନ୍ତି ପ୍ରମୁଖ ଏହାକୁ ପରିବେଷଣ କରିଥିଲେ। ପରିଚୟ ସାହିତ୍ୟ ପତ୍ରିକାର ସମ୍ପାଦକ ତପନ ରାୟ ଓ ପରିଷଦର ଯୁଗ୍ମ ସମ୍ପାଦକ ଡା.କୁମାର ଗୋପାଳଙ୍କ ସଂଯୋଜନାରେ ବହୁ କବି ଓ କବୟିତ୍ରୀ କବିତା ଗାୟନ ଓ ଆବୃତ୍ତି କରିଥିଲେ। ସନ୍ଧ୍ୟାରେ ସ୍ରଷ୍ଟା ନାଟ୍ୟାନୁଷ୍ଠାନ ପକ୍ଷରୁ ଫକୀରମୋହନଙ୍କ 'ମୁଁ ହାଟବାହୁଡ଼ା' କବିତାର ନାଟ୍ୟରୂପକୁ ପରିବେଷଣ କରାଯାଇଥିଲା। ଏହାକୁ ରଚନା କରିଥିଲେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର।



ଫକୀରମୋହଙ୍କ ସାହିତ୍ୟ କର୍ମଶାଳାରେ ଉପସ୍ଥିତ ଅତିଥି ଓ ବକ୍ତା।

# ବିରଳ ଦେଶୀ ମାଛ

ସୋର, ୯।୯(ଡି.ଏନ.ଏ.)

ସୋର ଥାନା ଅନ୍ତର୍ଗତ ଗୁହାଳଡ଼ିହ ଗ୍ରାମର ସନାତନ ବେହେରା ଏକ ଦେଶୀ ମାଛ ଧରିଛନ୍ତି। ଯାହାର ଲମ୍ବ ୪ ଫୁଟ ଓ ଓଜନ ୭ କେଜି ହେବ। ସନାତନ ସ୍ଥାନୀୟ ନାଳରେ ଜାଲ ବିଛାଇଥିବା ବେଳେ ଏହି ମାଛ ପଡିଥିଲା।

# କଂଗ୍ରେସର ପଥପ୍ରାନ୍ତ ବୈଠକ

**ବାଲେଶ୍ୱର ଅଫିସ, ୯।୯:** ତୈଳଦର ବୃଦ୍ଧି ପ୍ରତିବାଦରେ ବାଲେଶ୍ୱର ସହର ଫାଣ୍ଡିଛକରେ କଂଗ୍ରେସ ପକ୍ଷରୁ ରବିବାର ଏକ ପଥପ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ଶରତ ରାଜ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ରାଜ୍ୟ କଂଗ୍ରେସ ପ୍ରଦେଶ କମିଟିର ସାଧାରଣ ସମ୍ପାଦକ ସଞ୍ଜୁ ଗିରି, ପୂର୍ବତନ ଜିଲା ସମ୍ପାଦକ ସତ୍ୟ ମହାନ୍ତି, କାଉନ୍‌ସିଲର ପଦ୍ମଲୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରରେ ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏହାର ପ୍ରତିବାଦରେ ସୋମବାର ବନ୍ଦ ଡାକରା ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା।

# 'ବାଘାଯତୀନଙ୍କ ବଳିଦାନ ଅବିସ୍ମରଣୀୟ'

ରେମୁଣା, ୯।୯(ଡି.ଏନ.ଏ.)

ବାଘାଯତୀନ ସାହାସିକତା, ଦେଶପ୍ରେମ ଓ ବଳିଦାନ ଅତୁଳନୀୟ। ଯୁଗ ଯୁଗ ଧରି ଏହା ସ୍ମରଣୀୟ ହୋଇ ରହିବ ଓ ଯୁବପିଢିଙ୍କୁ ପ୍ରେରଣା ଯୋଗାଇବ ବୋଲି ବାଲେଶ୍ୱର ଜିଲା ରେମୁଣା ବ୍ଲକ ଚଷାଖଣ୍ଡର ଦେଶୁଆଁ ପୋଖରୀଠାରେ ରବିବାର ସ୍ମୃତି ଦିବସ ପାଳନ ଅବସରରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଶହୀଦ ବାଘାଯତୀନଙ୍କ ୧୦୩ତମ ସ୍ମୃତି ଦିବସ ପାଳନ ଉପଲକ୍ଷେ ଚଷାଖଣ୍ଡ ଅଞ୍ଚଳ ଉତ୍ସବମୁଖର ରହିଥିଲା। ଏହି ସ୍ଥାନରେ ୧୯୧୫ ମସିହା ସେପ୍ଟେମ୍ବର ୯ତାରିଖ ବାଘାଯତୀନ ବ୍ରିଟିଶ ଫୌଜଙ୍କ ଗୁଳିର ଶିକାର ହୋଇ ଶହୀଦ ହୋଇଥିବାରୁ ପ୍ରତିବର୍ଷ ଏହି ସ୍ମୃତି ଦିବସ ପାଳନ କରାଯାଇ ଆସୁଛି। ବାଘାଯତୀନ ବିକାଶ ପରିଷଦ ପକ୍ଷରୁ ଏଥର ଆୟୋଜିତ ଦୁଇଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ପଶ୍ଚିମବଙ୍ଗରୁ ଆସିଥିବା ୮ଜଣ ରକ୍ତତୀର୍ଥ ଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେମାନେ ସ୍ମୃତିସ୍ଥଳରେ ଭାବାପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମାରୋହ ଯୋଗ ଦେଇଥିବା ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶହୀଦ ସ୍ମୃତିପୀଠକୁ ନବ ଭାରତର ହଳଦୀଘାଟ ବୋଲି ବର୍ଣ୍ଣନା କରିଥିଲେ।

କଲିକତା ଚଟ୍ଟଗ୍ରାମ ପରିଷଦର ସାଧାରଣ ସମ୍ପାଦକ ପ୍ରଦ୍ୟୁଷକାନ୍ତି ସେନ ଏଠାରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସମସ୍ତ ଅତିଥି ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୋଲିସ ବାହିନୀ ଦ୍ୱାରା 'ଶହୀଦ ସଲାମୀ' ପ୍ରଦାନ କରାଯାଇଥିଲା। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତଥା ଅନୁଷ୍ଠାନର ସଭାପତି ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ରନାଥ ସିହ୍ନା, ଅଖିଳ ଭାରତୀୟ ସ୍ୱତନ୍ତ୍ର ସେନାନୀ ପରିବାର କଲ୍ୟାଣ ପରିଷଦ ସଭାପତି ନିତ୍ୟାନନ୍ଦ ଶର୍ମା, ପୂର୍ବତନ ବିଧାୟକ ଅରୁଣ ଦେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦର ଉପସଭାପତି ମନୋଜ ନାୟକ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତି ସ୍ୱାଗତ ଭାଷଣ ଏବଂ ସାଧାରଣ ସମ୍ପାଦକ ସର୍ବେଶ୍ୱର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଅନନ୍ତ କୁମାର ବିଶ୍ୱାଳ ଶେଷରେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ପରିଷଦର ଉପସଭାପତି ସ୍ନେହଲତା ଦାସ, ସହ ସମ୍ପାଦକ ସରୋଜ କୁମାର ଗୋଛାୟତ, ସନ୍ତୋଷ କୁମାର ଦାଶ, ଜୟନ୍ତୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବାଘାଯତୀନଙ୍କ ସ୍ମୃତି ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

# କମିଲା ବନ୍ୟା, ବଢ଼ିଲା ବିପନ୍ନଙ୍କ ଦୁର୍ଦ୍ଦଶା

ଭଣ୍ଡାରିପୋଖରୀ/ ଧାମନଗର/ ଚାନ୍ଦବାଲି/ ଆରଡ଼ି/ ଭଦ୍ରକଅଫିସ/ ପଦ୍ମପୁର/ ୯।୯ (ଡି.ଏନ.ଏ.)

ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ସ୍ଥିତି ସୁଧୁରିଥିଲେ ମଧ୍ୟ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପାଣିଘେରରେ ଥିବା ଅନେକ ଗାଁଗଣ୍ଡାକୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉପରମୁଣ୍ଡରେ ବର୍ଷା କମିବାରୁ ବୈତରଣୀ ଓ ଏହାର ବିଭିନ୍ନ ଶାଖା ନଦୀରେ ବନ୍ୟାଜଳ ହ୍ରାସ ପାଇଥିଲେ ମଧ୍ୟ ସ୍ଥିତି ସୁଧୁରି ନାହିଁ। ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର, ମାଳଦା, ନପଙ୍ଗ, ରହଣିଆ, ବାଲିପୋଖରୀ ଆଦି ପଞ୍ଚାୟତ ବନ୍ୟା ପ୍ରଭାବିତ ହୋଇଛି। ଧାମନଗରର ପଶ୍ଚିମାଞ୍ଚଳରେ ବନ୍ୟା ସ୍ଥିତିରେ କିଛିଟା ସୁଧାର ଆସିଛି। ବ୍ଲକ ଅଧୀନ ଦଳାଙ୍ଗ, ବୈୟାଙ୍ଗଡିହି, କୋଠାର, ଭଟ୍ଟସାହି, ନଦୀଗାଁ, ଅର୍ଜୁନପୁର, ହସନାବାଦ, ଧୂଷୁରୀ, ଫତେପୁର, କାଶିମପୁର, ସାହାସପୁର, ବମକୁରା ଆଦି ପଞ୍ଚାୟତର ଚାଷଜମି ସମ୍ପୂର୍ଣ୍ଣ ପାଣିରେ ବୁଡି ରହିଛି। ବିଭିନ୍ନ ଘୋଷରାରେ ବନ୍ୟାଜଳ ପ୍ରବାହିତ ହେଉଛି। ଚାନ୍ଦବାଲି ବ୍ଲକର ଆରଡ଼ି ଅଞ୍ଚଳ ସମେତ ମାଧପୁର, ଘଟପୁର, ଭୂଇଁବୃତ୍ତି, ତେନ୍ତୁଳିଡିହି, ନାଲଗୁଣ୍ଡା, ମତୋ, ଖେରଙ୍ଗ ପରି କେତେକ ପଞ୍ଚାୟତର ଚାଷଜମି ବନ୍ୟାପାଣିରେ ବୁଡି ରହିଛି । ମତୋ-ନାନ୍ଦପୁର, ମତୋ-ମାଧପୁର, ମହୁଲିଆ-ଭୂଇଁବୃତ୍ତି, ଚାନ୍ଦବାଲି-ଆରଡି ପ୍ରଧାନମନ୍ତ୍ରୀ ଗ୍ରାମସଡକର ଉଭୟ ପାଖରେ ବନ୍ୟାଜଳ ଜମି ବନ୍ୟା ସ୍ଥିତି ସୃଷ୍ଟି କରିଛି। ବାସୁଦେବପୁର ଓ ଭଦ୍ରକ ବ୍ଲକ ନଦୀ ଅବବାହିକାରେ ଅନୁରୂପ ସ୍ଥିତି ଲାଗି ରହିଛି। ଧଳା, କଞ୍ଚୁଡି ଓ ମନ୍ତେଇ ନଦୀର ବନ୍ୟା ପାଣିରେ ଶହ ଶହ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି। ଭଦ୍ରକ ବ୍ଲକର ସାହାଡା, ବାସୁଦେବପୁର ବ୍ଲକର ସୁଗୋ, ପଦ୍ମପୁର, ଏଡତାଳ, ଲୁଙ୍ଗା ଓ ଜଗନ୍ନାଥପ୍ରସାଦ ପଞ୍ଚାୟତର ଚାଷଜମି ପାଣିରେ ବୁଡ଼ି ରହିଛି। ବୈତରଣୀ ବନ୍ୟାଜଳ ହ୍ରାସ ପାଇ ରବିବାର ୨ଟା ସୁଦ୍ଧା ଆଖୁଆପଦାଠାରେ ୧୭.୬୦ ମିଟରରେ ପ୍ରବାହିତ ହେଉଛି। ରବିବାର ଭଣ୍ଡାରିପୋଖରୀ ବିଡିଓ ବନମାଳୀ ତରାଇ, ତହସିଲଦାର ପ୍ରଣୟ କୁମାର ଜେନା, ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱଜିତ ରାୟ ବନ୍ୟା ପ୍ରଭାବିତ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଆରଡବ୍ଲ୍ୟୁଏସଏସ ବିଭାଗ ପକ୍ଷରୁ ବନ୍ୟାଞ୍ଚଳର ବିଭିନ୍ନ ନଳକୂପରେ ବ୍ଲିଚିଂ ପକାଯିବା ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଷୋଳମପୁର, ମାଳଦା, କୁମ୍ଭରିଆ, ବନ୍ଦାଳୋ ଠାରେ ମେଡିକାଲ ରିଲିଫ ସେଣ୍ଟର ଖୋଲାଯାଇ ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ସୁପରଭାଇଜର, ଆଶା, ଅଙ୍ଗନୱାଡି କର୍ମୀ ଡେରା ପକାଇଛନ୍ତି। ବନ୍ୟା ଓ ଲଗାଣ ବର୍ଷା ଯୋଗୁ ଏହି ଅଞ୍ଚଳର ପ୍ରଭାବିତ ପ୍ରାୟ ୨୪ ହଜାର ଗୃହପାଳିତ ପ୍ରାଣୀଙ୍କ ଲାଗି ଗୋଖାଦ୍ୟ ଯୋଗାଣର ବ୍ୟବସ୍ଥା କରାଯାଉଛି। ବନ୍ୟାପାଣି ଛାଡିବା ପରେ ବିଭିନ୍ନ ପ୍ରତିଷେଧକ ଟିକା ଦିଆଯିବ ବୋଲି ବୋଲି ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଶ୍ୱଜିତ ରାୟ ସୂଚନା ଦେଇଛନ୍ତି। ଜିଲାପାଳ ଜ୍ଞାନରଞ୍ଜନ ଦାସ ରାଶନ କାର୍ଡ ସମୀକ୍ଷା ପାଇଁ ଭଣ୍ଡାରିପୋଖରୀ ବ୍ଲକକୁ ଆସିଥିବା ଅବସରରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଅନୁରୂପ ଜିଲାପାଳ ଦାସ, ଉପଜିଲାପାଳ ସୁଚାରୁ ବଳ, ବିଡିଓ ଦୁର୍ଗାପ୍ରସନ୍ନ ମୁର୍ମୁ ପ୍ରମୁଖ ଧାମନଗର ବନ୍ୟାଞ୍ଚଳ ପରିଦର୍ଶନ କରି ଗୋଖାଦ୍ୟ ଯୋଗାଣ ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ଚାନ୍ଦବାଲି ବ୍ଲକର ଆରଡି ଅଞ୍ଚଳର ଗୋଟିଏ ଗାଁରେ ପ୍ରଶାସନ ପକ୍ଷରୁ ରବିବାର ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି।


ଆରଡ଼ିର ବନ୍ୟାଞ୍ଚଳରେ ଲୋକଙ୍କୁ ପାନୀୟଜଳ ଯୋଗା ଯାଉଛି।

**ବିପଦସଙ୍କେତ ତଳେ ବୈତରଣୀ**

- ରିଲିଫ ସହାୟତା ସମୁଦ୍ରକୁ ଶଙ୍ଖେ
- ପାଣିରେ ବୁଡ଼ି ରହିଛି ବହୁ ଚାଷଜମି
- ବନ୍ୟାଞ୍ଚଳରେ ଡାକ୍ତରୀ ଦଳ, ପ୍ରଶାସନିକ ଅଧିକାରୀ ଓ ରାଜନେତା

## ସଂକ୍ଷେପରେ

### ଯୁବ ବାହିନୀ ପକ୍ଷରୁ କର୍ମଶାଳା

**ବାସୁଦେବପୁର,୯।୯(ଡି.ଏନ.ଏ.):** ବାସୁଦେବପୁର ଟାଉନ ହଲ୍ ପରିସରରେ ବିଜୁ ଯୁବ ବାହିନୀ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବକମାନେ କାର୍ଯ୍ୟ କଲେ ସମାଜରେ ପରିବର୍ତ୍ତନ ଆସିପାରିବ ବୋଲି ମନ୍ତ୍ରୀ ରାଉତରାୟ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଅରୁପ କୁମାର ପଟ୍ଟନାୟକ ଯୋଗଦେଇ ଯୁବ ବାହିନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଯୁବକଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଯୁବନେତା ବିଷ୍ଣୁବ୍ରତ ରାଉତରାୟ, ବିଡିଓ ବୀରକିଶୋର ପାଣିଗ୍ରାହୀ, ଧରିତ୍ରୀ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଜୁ ଯୁବ ବାହିନୀ ସଂଯୋଜକ ପ୍ରଦୀପ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ କାର୍ଯ୍ୟକ୍ରମ

**ପଦ୍ମପୁର,୯।୯ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଅଧୀନ ଏଡ଼ତାଳ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଯୋଗଦେଇ ଏଡ଼ତାଳ ଛକଠାରେ ଯାତ୍ରୀ ବିଶ୍ରାମ ଘର, ରାଜୀବ ଗାନ୍ଧୀ ନିର୍ମାଣ ସେବାକେନ୍ଦ୍ର ଓ ନୀଳମଣି ସଭାଗୃହ ଉଦ୍‌ଘାଟନ କରିଥିଲେ। ଏହାପରେ ପାବନକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ କଲ୍ୟାଣ ମଣ୍ଡପ ପାଇଁ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରକିଶୋର ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ବଳ, ଜିଲା ବିଜେଡି ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ, ଏଡ଼ତାଳ ସରପଞ୍ଚ ଜୟକୃଷ୍ଣ ନାୟକ, ସମିତିସଭ୍ୟା ଗୋଦାବରୀ ପଲାଇ, ସୁଗୋ ସରପଞ୍ଚଙ୍କ ପ୍ରତିନିଧି ରାଜାକୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

### ସ୍ୱେଚ୍ଛାସେବୀଙ୍କୁ 'ପ୍ରକୃତିବନ୍ଧୁ' ପୁରସ୍କାର

**ଭଦ୍ରକ ଅଫିସ,୯।୯:** ଭଦ୍ରକର ସ୍ୱେଚ୍ଛାସେବୀ ସଙ୍ଗଠନ ମର୍ତ୍ତଣ୍ଡ ଭାରତର ମହାସଚିବ ଦେବଦାଶ ରାଏ ଗୁରୁଙ୍କୁ 'ପ୍ରକୃତିବନ୍ଧୁ' ପୁରସ୍କାର ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସଂସ୍କୃତି ଭବନରେ ଆୟୋଜିତ ଏକ ଉତ୍ସବରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ରାଏ ଗୁରୁଙ୍କୁ ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ କରିଛନ୍ତି।

## ଟେରାକୋଟା କୌଶଳ ଶିକ୍ଷା


କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ଟେରାକୋଟା ପ୍ରଶିକ୍ଷଣ ଦିଆଯାଉଛି।

ବନ୍ତ,୯।୯(ସ୍ୱ.ପ୍ର.)

ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ଶୋଭନୀୟ ଶିକ୍ଷାଶ୍ରମରେ ରବିବାର ଟେରାକୋଟା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମର ପ୍ରଧାନ ଗୁରୁମା ରିଲି ଗୁରୁମାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ପ୍ରଶିକ୍ଷକ ପଦ୍ମନାଭ ସେଠୀଙ୍କଠାରୁ ଟେରାକୋଟା ପ୍ରସ୍ତୁତିର ବିଭିନ୍ନ କୌଶଳ ଶିକ୍ଷା କରିଥିଲେ। ମହେନ୍ଦ୍ର ନାୟକ, ଗୁରୁମା ସୁଭଦ୍ରା, ସୁକାନ୍ତି, ରଶ୍ମିତା, ସୁହାସିନୀ, ସୁଧାରାଣୀ, ଅନିତା, ପ୍ରିୟଙ୍କା, ମମତା, ମଧୁସ୍ମିତା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ସାକ୍ଷରତା ଦିବସରେ 'ରାଷ୍ଟ୍ର ନିର୍ମାଣ' ସମ୍ମାନ ସମାରୋହ

**୨୫ ଶିକ୍ଷକ ସମ୍ମାନିତ**

ଭଦ୍ରକ ଅଫିସ,୯।୯

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ଅବସରରେ ଭଦ୍ରକ ରୋଟାରି କ୍ଲବ ଆନୁକୂଲ୍ୟରେ 'ରାଷ୍ଟ୍ର ନିର୍ମାଣ' ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ରୋଟାରିଆନ ଅଜିତ ଦାସ ଓ ସମ୍ପାଦକ ମନୋଜ ସାହୁ ନେତୃତ୍ୱ ନେଇଥିବା ବେଳେ ପ୍ରଣବ ସାହୁ ପରିଚାଳନା କରିଥିଲେ। ସଂସ୍କୃତି ଭବନ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଆଡଭୋକେଟ ଜେନେରାଲ ଅଫ୍ ଓଡ଼ିଶା ସୂର୍ଯ୍ୟପ୍ରସାଦ ମିଶ୍ର, ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ରୋଟାରି ଜିଲା ଉପ ଗଭର୍ଣ୍ଣର ସୁରେଶ ଚନ୍ଦକ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାର ୨୫ ଜଣ ଶିକ୍ଷକଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ 'ରାଷ୍ଟ୍ର ନିର୍ମାଣ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ରୋଟାରିଆନ ପ୍ରଦୀପ୍ତ ରାୟ, ଇନ୍ଦ୍ରଜିତ ସାହୁ ଏବଂ ତୁଷାରକାନ୍ତି ମହାନ୍ତି ଅତିଥି ପରିଚୟ ପ୍ରଦାନ, ଅମ୍ବିକା ବଲ୍ଲଭ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରିଆନ ବସନ୍ତ ପାଣିଗ୍ରାହୀ, ଜୟନ୍ତ ବାରିକ ଓ ରିଚା ମହାନ୍ତି ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷକମାନେ।

## କେନ୍ଦ୍ର ବିରୋଧରେ ଏକାଠି ଯୁବ ଛାତ୍ର ସଂଗଠନ

ଭଣ୍ଡାରିପୋଖରୀ,୯।୯(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ସଙ୍ଗଠନ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ କରାଯାଇଥିଲା। ଭଣ୍ଡାରିପୋଖରୀ ବ୍ଲକର ୨ଟି ପେଟ୍ରୋଲ ପମ୍ପ ଆଗରେ ତୈଳଦର ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବିଜେଡି ଜିଲା ଯୁବ ଉପସଭାପତି ପ୍ରଣିତକାନ୍ତ ସାମଲ ଏହାର ନେତୃତ୍ୱ ନେଇଥିଲେ। ସତ୍ୟାନନ୍ଦ ମହାପାତ୍ର, ଦେବେନ୍ଦ୍ର ଦାସ, ହେମନ୍ତ ଜେନା, ଯୁବ ଛାତ୍ର ସଭାପତି ଦେବବ୍ରତ ଜେନା, ସଜନୀକାନ୍ତ ଜେନା, ଦୀପ୍ତିସୂର୍ଯ୍ୟ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ। **ବନ୍ତ (ଡି.ଏନ.ଏ):** ବନ୍ତଠାରେ ସମସ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ବନ୍ତ ବିଜେଡି ସଭାପତି କମଳାକାନ୍ତ ସାହୁ, ଛାତ୍ର ବିଜେଡି ସଭାପତି ପ୍ରଣବ ଲେଙ୍କା, ଜିଲା ପରିଷଦ ସଭ୍ୟା ରେବତୀ ନାୟକ, ଟିଲୋ ସରପଞ୍ଚ ନିହାରିକା ରାଉତ, ବନ୍ତ ସରପଞ୍ଚ କୃପାସିନ୍ଧୁ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। **ବାସୁଦେବପୁର (ଡି.ଏନ.ଏ.):** ବାସୁଦେବପୁର ଠାରେ ଥିବା ପେଟ୍ରୋଲ ପମ୍ପ ସାମ୍ନାରେ ୨ ଘଣ୍ଟିଆ ଧାରଣା ଓ ପ୍ରତିବାଦ ସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ବିଜେଡି କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ, ଯୁବନେତା ବିଷ୍ଣୁବ୍ରତ ରାଉତରାୟ, ଜିଲା ଯୁବ ବିଜେଡି ସମ୍ପାଦକ ଦେବଦର୍ଶନ ଦାସ, ବ୍ଲକ ଯୁବ ବିଜେଡି ସଭାପତି ଅସିତ ଦାସ, କାଉନସିଲର ମାନସ ସାହୁ ପ୍ରମୁଖ ସାମିଲ ହୋଇଥିଲେ। **ଧାମନଗର(ଡି.ଏନ.ଏ.) :** ଧାମନଗର ବ୍ଲକର ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଦୁଇଘଣ୍ଟିଆ ଆନ୍ଦୋଳନ କରାଯାଇଥିଲା। ଧାମନଗର ପେଟ୍ରୋଲ ପମ୍ପ ଆଗରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢୀ, ଯୁବନେତା ପ୍ରତାପ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ପ୍ରତିବାଦ ସଭା ହୋଇଥିଲା। ମଙ୍ଗଳପୁରରେ ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ପ୍ରତିବାଦ ସଭା ହୋଇଥିଲା। ବାହାରବିଲରେ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଯୁବ ବିଜେଡି ସଭାପତି ସୁଶାନ୍ତ ନାୟକ, ଭାନୁପ୍ରକାଶ ପଲାଇ, ପ୍ରଦୀପ ମଲ୍ଲିକ, କୃଷକ ନେତା ବିଦ୍ୟାଧର ରାଉତ ପ୍ରମୁଖ ଯୋଗଦେଇଥିଲେ।


ଧାମନଗର ପେଟ୍ରୋଲ ପମ୍ପ ଆଗରେ ବିଜେଡି ନେତା ଓ କର୍ମୀ।

## ତୈଳଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ଭଦ୍ରକ ଅଫିସ,୯।୯

କେନ୍ଦ୍ର ସରକାରଙ୍କ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଭଦ୍ରକରେ ବିଜେଡି ପକ୍ଷରୁ ପୃଥକ୍ ବିକ୍ଷୋଭ ଓ ଶୋଭାଯାତ୍ରା କରାଯାଇଥିଲା। ଏଥିରୁ ଭଦ୍ରକରେ ବିଜେଡିର ଗୋଷ୍ଠୀ କନ୍ଦଳ ସ୍ପଷ୍ଟ ବାରି ହେଉଥିଲା। ଗୋଟିଏ ଗୋଷ୍ଠୀ ବିଜେଡି କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ବିଧାୟକଙ୍କ ବାସଭବନରୁ ଶୋଭାଯାତ୍ରାରେ ବାହାରି ଭାଜପା ବିରୋଧରେ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

ଜିଲା ଯୁବ ବିଜେଡି ସଭାପତି ଦୁର୍ଗାପ୍ରସନ୍ନ ଦାସ ଓ ଛାତ୍ର ବିଜେଡି ସଭାପତି ତଥାଗତ ସାମଲଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟରୁ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିସହ ବିଭିନ୍ନ ପେଟ୍ରୋଲ ପମ୍ପ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବ ଓ ଛାତ୍ର ବିଜେଡିର ବହୁ କର୍ମକର୍ତ୍ତାଙ୍କ ସହ ରାଜ୍ୟ ଯୁବ ବିଜେଡି ଉପସଭାପତି ପ୍ରୟାସକାନ୍ତି ସାମଲ, ରାକେଶ ପଣ୍ଡା, ଲାଲାଲଳିତ ନାୟକ, ନଳିନୀ ପଣ୍ଡା, ଭାରତ ବିଜୟ ଦଳେଇ, ଭାସ୍କର ମହାଲିକ, ଦେବୁ ବିଶ୍ୱାଳ, ସୁମନ ମହାପାତ୍ର, ସମିତିସଭ୍ୟ ଯୋଗେନ୍ଦ୍ର ଘଡ଼େଇ, ରମେଶ ବେହେରା, ସରପଞ୍ଚ ମୁକୁନ୍ଦଦେବ ସାମଲ, କାଉନସିଲର ଇକ୍‌ବାଲ ଖାଁ, କାଳିଆ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ବିଧାୟକଙ୍କ ବାସଭବନରୁ ଏକ ଗୋଷ୍ଠୀ ବାହାରି ବନ୍ତ ଛକ, ନୂଆ ବସ୍‌ଷ୍ଟାଣ୍ଡ, ରାଜଘାଟ ଛକ, ନୂଆବଜାର ପ୍ରମୁଖ ଅଞ୍ଚଳ ବୁଲି ଭାଜପା ବିରୋଧରେ ସ୍ଲୋଗାନ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ପୂର୍ବତନ କାଉନସିଲର ପ୍ରବୀର ଜେନାଙ୍କ ଅଧ୍ୟକ୍ଷତାରେ ଜନଜାଗରଣ ସମାବେଶ ହୋଇଥିଲା। ଏମ୍‌ପି ଅର୍ଜୁନ ଚରଣ ସେଠୀ, ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ଜିଲା ଉପସଭାପତି ଅସିତ କୁମାର ପଟ୍ଟନାୟକ, ପୌରାଧ୍ୟକ୍ଷ ମାନସ ମହାନ୍ତି, ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ପୌର ଉପାଧ୍ୟକ୍ଷା କୌସେରା ବେଗମ, ବରିଷ୍ଠ ବିଜେଡି ନେତା ରାଧାକାନ୍ତ ସାମଲ, ଜିଲା ପରିଷଦ ସଭ୍ୟ ହେମନ୍ତ ପାଢୀ, ସରୋଜ ନାୟକ ଓ ସୁକାନ୍ତି ନାୟକ, ନଗର ବିଜେଡି ସଭାପତି ଶରତ ସ୍ୱାଇଁ, ପଙ୍କଜ ବଳ, ଚଉଦ ମହଲା ମୁସ୍‌ଲିମ ଜମାତର ସାଧାରଣ ସମ୍ପାଦକ ଏନାମ ମହମ୍ମଦ ପ୍ରମୁଖ ଯୋଗଦେଇଥିଲେ।


ଭଦ୍ରକରେ ବିଜେଡି କର୍ମୀଙ୍କ ବାଇକ୍ ଶୋଭାଯାତ୍ରା।

**ଚର୍ଚ୍ଚାରେ ପୃଥକ ଶୋଭାଯାତ୍ରା ଆୟୋଜନ**


## ମହତ୍ତ୍ୱପୂର୍ଣ୍ଣ ସୂଚନା

INDIAN RAILWAYS

**ପୁରୀ ରେଲ ଷ୍ଟେସନ ଠାରେ ନିରାପତ୍ତା ସଂପର୍କିତ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଅସ୍ଥାୟୀ ଭାବେ ଟ୍ରେନ୍ ସେବା ବାତିଲ୍ ଏବଂ ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ**

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 12882 | ପୁରୀ-ହାଓଡ଼ା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 17.09.2018, 19.09.2018 ଏବଂ 24.09.2018 |
| 12881 | ହାଓଡ଼ା-ପୁରୀ ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍ | 18.09.2018, 20.09.2018 ଏବଂ 25.09.2018 |
| 22883 | ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 22884 | ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 22859 | ପୁରୀ-ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 22860 | ଚେନ୍ନାଇ ସେଣ୍ଟ୍ରାଲ-ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ | 12.09.2018 ଏବଂ 19.09.2018 |
| 18406 | ଅହମଦାବାଦ -ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | 16.09.2018 ଏବଂ 23.09.2018 |
| 12887 | ହାଓଡ଼ା -ପୁରୀ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 12993 | ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 12994 | ପୁରୀ -ଗାନ୍ଧୀଧାମ ଏକ୍ସପ୍ରେସ୍ | 17.09.2018 ଏବଂ 24.09.2018 |
| 22973 | ଗାନ୍ଧିଧାମ-ପୁରୀ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | 12.09.2018 ଏବଂ 19.09.2018 |
| 22974 | ପୁରୀ -ଗାନ୍ଧିଧାମ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12145 | ଲୋକମାନ୍ୟ ତିଲକ୍ ଟର୍ମିନସ୍-ପୁରୀ ଏକ୍ସପ୍ରେସ୍ | 16.09.2018 |
| 12146 | ପୁରୀ -ଲୋକମାନ୍ୟ ତିଲକ୍ ଟର୍ମିନସ୍ ଏକ୍ସପ୍ରେସ୍ | 18.09.2018 |
| 22201 | ସିଆଲଦା-ପୁରୀ ଏକ୍ସପ୍ରେସ୍ | 14.09.2018, 17.09.2018, 19.09.2018 ଏବଂ 21.09.2018 |
| 22202 | ପୁରୀ -ସିଆଲଦା ଏକ୍ସପ୍ରେସ୍ | 15.09.2018, 18.09.2018, 20.09.2018 ଏବଂ 22.09.2018 |
| 12278 | ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 12277 | ହାଓଡ଼ା -ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 08091 | ଭଞ୍ଜପୁର-ପୁରୀ ସ୍ପେଶାଲ ଏକ୍ସପ୍ରେସ୍ | 14.09.2018 ଏବଂ 21.09.2018 |
| 08092 | ପୁରୀ -ଭଞ୍ଜପୁର ସ୍ପେଶାଲ ଏକ୍ସପ୍ରେସ୍ | 15.09.2018 ଏବଂ 22.09.2018 |
| 58131 | ରାଉରକେଲା-ପୁରୀ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58132 | ପୁରୀ-ରାଉରକେଲା ପାସେଞ୍ଜର | 15.09.2018 ଠାରୁ 25.09.2018 |
| 58403/ 58404 | ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58409/58410 | ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ ପାସେଞ୍ଜର | 14.09.2018 ଠାରୁ 24.09.2018 |
| 58431/58432 | ଖୋର୍ଦ୍ଧା ରୋଡ୍-ନୟାଗଡ଼ ଟାଉନ୍-ଖୋର୍ଦ୍ଧା ରୋଡ୍ ପାସେଞ୍ଜର | 14.09.2018 ଠାରୁ 24.09.2018 |

**ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ମଧ୍ୟରେ ବାତିଲ୍ | ଗନ୍ତବ୍ୟ ଷ୍ଟେସନ ପୂର୍ବରୁ ବାତିଲ୍ ହେବା ତାରିଖ |
|---|---|---|---|
| 12277 | ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁରୀ | 14.09.2018 ଠାରୁ 24.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12278 | ପୁରୀ -ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର | 16.09.2018 ଠାରୁ 25.09.2018. 15.09.2018 ଓ 22.09.2018 ବ୍ୟତୀତ |
| 12821/12822 | ହାଓଡ଼ା-ପୁରୀ-ହାଓଡ଼ା ଦୁରନ୍ତୋ ଏକ୍ସପ୍ରେସ୍ | ପୁରୀ-ଭୁବନେଶ୍ୱର-ପୁରୀ | 13.09.2018 ଠାରୁ 24.09.2018 |
| 18303/18304 | ସମ୍ବଲପୁର-ପୁରୀ-ସମ୍ବଲପୁର ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ | 14.09.2018 ଠାରୁ 24.09.2018 |
| 17480 | ତିରୁପତି-ପୁରୀ ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ୍-ପୁରୀ | 14.09.2018,15.09.2018, 17.09.2018, 18.09.2018, 19.09.2018, 21.09.2018 ଏବଂ 22.09.2018 |
| 17479 | ପୁରୀ -ତିରୁପତି ଏକ୍ସପ୍ରେସ୍ | ଖୋର୍ଦ୍ଧା ରୋଡ୍-ପୁରୀ | 15.09.2018, 16.09.2018, 18.09.2018, 19.09.2018, 20.09.2018, 22.09.2018 ଏବଂ 23.09.2018 |
| 58001/58002 | ହାଓଡ଼ା-ପୁରୀ-ହାଓଡ଼ା ପାସେଞ୍ଜର | ଖୋର୍ଦ୍ଧା ରୋଡ୍-ପୁରୀ-ଖୋର୍ଦ୍ଧା ରୋଡ୍ | 14.09.2018 ଠାରୁ 24.09.2018 |
| 58413/58414 | ତାଳଚେର-ପୁରୀ-ତାଳଚେର ପାସେଞ୍ଜର | ଭୁବନେଶ୍ୱର-ପୁରୀ-ଭୁବନେଶ୍ୱର | 14.09.2018 ଠାରୁ 24.09.2018 |
| 58418 | ଗୁଣୁପୁର-ପୁରୀ ପାସେଞ୍ଜର | ପଲାସା ଠାରୁ ଗୁଣୁପୁର | 19.09.2018 ଠାରୁ 24.09.2018 |
| 58417 | ପୁରୀ -ଗୁଣୁପୁର ପାସେଞ୍ଜର | ଗୁଣୁପୁର ଠାରୁ ପଲାସା | 20.09.2018 ଠାରୁ 25.09.2018 |



**ପୂର୍ବ ତଟ ରେଳପଥ**

PR-344/J/18-19

## ସଂକ୍ଷେପରେ

### ଜେଏମ୍ଏମ୍ ଜିଲା କାର୍ଯ୍ୟକାରିଣୀ ବୈଠକ

**ବାରିପଦା ଅଫିସ,୯।୯:** ବାରିପଦାସ୍ଥିତ ଏକ ହୋଟେଲ ପରିସରରେ ଜେଏମଏମର ଜିଲା କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ଫାଗୁ ହାସଁଦାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ ହେମ୍ବ୍ରମ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଅଞ୍ଜନୀ ସୋରେନ ଯୋଗଦେଇଥିଲେ। କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ହେମନ୍ତ ସୋରେନଙ୍କ ନିର୍ଦ୍ଦେଶ କ୍ରମେ ୧୦ ତାରିଖରେ ଭାରତ ବନ୍ଦକୁ ଜେଏମଏମ ଓଡ଼ିଶା ଶାଖା ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଦଳ ପ୍ରକାଶ କରିଛି। ଏହି ଅବସରରେ ଦଳର ବାରିପଦା ଉପଖଣ୍ଡ କମିଟି ମଧ ଘୋଷଣା କରାଯାଇଥିଲା। ବାରିପଦା ଉପଖଣ୍ଡ ସଭାପତି ଭାବେ ଦାସ ମାଣ୍ଡି, ଉପସଭାପତି କାମ ହେମ୍ବ୍ରମ,ସାଧାରଣ ସମ୍ପାଦକ ବାଘ୍ରାୟ ମାଣ୍ଡି,ସମ୍ପାଦକ ଜ୍ଞାନ ରଞ୍ଜନ ପଟ୍ଟନାୟକ,କୋଷାଧ୍ୟକ୍ଷ ଅଜିତ ମହାନ୍ତ ଏବଂ ବାରିପଦା ସହର ସଭାପତି ଭାବେ ରାଜେଶ ଦାସଙ୍କୁ ମନୋନୀତ କରାଯାଇଛି।

### ସାପ କାମୁଡ଼ାରେ ଛାତ୍ର ମୃତ

**ଖୁଣ୍ଟା ,୯।୯(ଡି.ଏନ.ଏ.):** ଖୁଣ୍ଟା ଥାନା ଅନ୍ତର୍ଗତ ଶିରିଶଘୁଟ ଗ୍ରାମର ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ ହେଲେ ବୈଦ୍ୟନାଥ ହାଁସଦାଙ୍କ ପୁଅ ସାଗରାମ (୧୨ )। ଗତ ମଙ୍ଗଳବାର ସକାଳେ ସାଗରାମ ଜମିକୁ ଯାଇଥିବା ବେଳେ ସାପ କାମୁଡି ଦେଇଥିଲା। ଗୁଣିଆ ପାଖରେ ଝଡାଫୁଙ୍କା କରିଥିବା ବେଳେ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଖୁଣ୍ଟା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଓ ପରେ ଗତ ଶୁକ୍ରବାର ତାଙ୍କୁ କଟକ ବଡ ମେଡ଼ିକାଲ ପଠାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧୀନ ଥିବାବେଳେ ଶନିବାର ତାଙ୍କ ମୃତ୍ୟୁ ହୋଇଥିଲା। କଟକରେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ରବିବାର ସକାଳେ ମୃତଦେହ ସତ୍କାର କରାଯାଇଛି । ମୃତକ ସାଗରାମ ଶିରିଶଘୁଟ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଥିଲେ ।

### ଭାଜପା ଛାଡିଲେ ୩୫ କର୍ମୀ

**ବାରିପଦା ଅଫିସ,୯।୯:** ଭାଜପାର ବାରିପଦା ମଣ୍ଡଳ ତଥା ୨୯ନଂ ଜୋନର ବୁଢ଼ିଖମାରୀ ଏବଂ ହାତୀକୋଟ ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଭାଜପା କର୍ମକର୍ତ୍ତା ଦଳୀୟ ନେତାଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ରବିବାର ସମୂହ ଇସ୍ତଫା ଦେଇଛନ୍ତି । ସ୍ଥାନୀୟ ବାବା ଚିନ୍ତେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ଏକ ଜରୁରୀ ବୈଠକର ଆୟୋଜନ କରାଯାଇଥିଲା। ବାରିପଦା ମଣ୍ଡଳର କୋଷାଧ୍ୟକ୍ଷ ରତିକାନ୍ତ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବୁଢ଼ିଖମାରୀ ସରପଞ୍ଚ ବେବି ଦେହୁରୀ, ସମିତିସଭ୍ୟ ଭାଗ୍ୟଲତା ବେହେରା, ମଣ୍ଡଳ ସଭାପତି ତ୍ରିଲୋଚନ ମହାନ୍ତ, ସାଧାରଣ ସମ୍ପାଦକ ସୈଚାନ୍ଦ ମହାନ୍ତ ପ୍ରମୁଖ ଦଳରୁ ସାମୂହିକ ଇସ୍ତଫା ଦେଇଛନ୍ତି।

■ ତୁଳସୀଚଉରା ଫ୍ରେଣ୍ଡସ୍ ୟୁନିୟନ କମିଟି

# ରାଜମହଲରେ ପୂଜା ପାଇବେ ଗଜାନନ

**ବାରିପଦା ଅଫିସ,୯।୯**

ଗଣେଶ ପୂଜା ପାଖେଇ ଆସୁଥିବା ବେଳେ ବାରିପଦା ସହରର ବିଭିନ୍ନ ମଣ୍ଡପ ପକ୍ଷରୁ ପ୍ରସ୍ତୁତି ଜୋରସୋର ଆରମ୍ଭ ହୋଇଛି। ସହରରେ ଥିବା ତୁଳସୀଚଉରା ଫ୍ରେଣ୍ଡସ୍ ୟୁନିୟନ ଗଣେଶ ପୂଜା କମିଟି ୧୨ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ ପୂଜା, ସାଜସଜ୍ଜା ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଅଧିକା ଆକର୍ଷିତ କରିବା ପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରସୋର ଆରମ୍ଭ ହୋଇଯାଇଛି। ଏଥର ପୂଜା ପାଇଁ ୫ ଲକ୍ଷ ଟଙ୍କା ବଜେଟ କରାଯାଇଛି। ସେଥି ମଧ୍ୟରୁ ତୋରଣ ପାଇଁ ୧ ଲକ୍ଷ, ମୂର୍ତ୍ତି ପାଇଁ ୩୦ ହଜାର ଓ ଲାଇଟ ଏବଂ ସାଜସଜ୍ଜା ପାଇଁ ୭୦ ହଜାର ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ରାଜମହଲ ସଦୃଶ ତୋରଣ ଏଥର ଲୋକଙ୍କୁ ଆକର୍ଷିତ କରିବ। ଏହି ତୋରଣ ନିର୍ମାଣ ପାଇଁ କଲିକତାରୁ ପ୍ରାୟ ୩୫ ଜଣ କାରିଗର ଆସି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ତୋରଣର ଉଚ୍ଚ ୪୦ ଫୁଟ ଓ ଲମ୍ବ ୩୫ ଫୁଟ ରହିଛି। ସେହିପରି ମୁଷିକ ବାହାନରେ ବସିଥିବା ୧୦ ଫୁଟର


ନିର୍ମାଣାଧୀନ ଗଣେଶ ମୂର୍ତ୍ତି।

ଗଜାନନ ଚଳିତ ବର୍ଷ ପୂଜା ପାଇବେ। ଏଥିନିମନ୍ତେ ୧୨ ଜଣ କାରିଗର ଦିନରାତି ପରିଶ୍ରମ କରୁଛନ୍ତି। ଫ୍ରେଣ୍ଡସ୍ ୟୁନିୟନର ସଭାପତି ସୌମ୍ୟରଞ୍ଜନ ମିଶ୍ରଙ୍କ କହିବା ମୁତାବକ ୨୦୦୭ରେ


ରାଜମହଲ ସଦୃଶ ତୋରଣ କାମ ଚାଲିଛି।

ସ୍ଥାନୀୟ ଅଞ୍ଚଳର ଯୁବକମାନେ ଗଣେଶ ପୂଜା କରିବାକୁ ସ୍ଥିର କରିଥିଲେ। ସେତେବେଳେ ଫ୍ରେଣ୍ଡସ୍ ୟୁନିୟନ ନାମରେ ଏକ କ୍ଲବ ଗଠନ କରି ଏହି ପୂଜା ଆରମ୍ଭ କରାଯାଇଥିଲା। ସେତେବେଳେ ନିଜ ନିଜ ଭିତରେ ଚାନ୍ଦା କରି ୭୨୦ ଟଙ୍କାରେ ପୂଜା ଆରମ୍ଭ କରାଯାଇଥିଲା। ତେବେ ଜୋରଜବରଦସ୍ତ ଚାନ୍ଦା ଆଦାୟ କରିବା ବେଆଇନ କାର୍ଯ୍ୟ ହୋଇଥିବାରୁ ୟୁନିୟନ ପକ୍ଷରୁ କାହାଠୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରାଯାଉ ନାହିଁ। ପୂଜା ପାଇଁ ସ୍ଥାନୀୟ ସହୃଦୟ ବ୍ୟକ୍ତିମାନେ ଦାନ କରୁଛନ୍ତି। ତେବେ ୟୁନିୟନର ସଦସ୍ୟମାନେ ନିଜ ନିଜ ଭିତରେ ଚାନ୍ଦା କରି ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ଉଦ୍ୟମ କରାଯାଉଛି। ୟୁନିୟନର ସମ୍ପାଦକ ଦେବାଶିଷ ଦାସଙ୍କ କହିବା ମୁତାବକ ବିଭିନ୍ନ ପୂଜା କମିଟି ଜୋର ଜବରଦସ୍ତ ଚାନ୍ଦା ଆଦାୟ କରୁଛନ୍ତି। ଏହା ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଏଭଳି କିଛି ପୂଜା କମିଟି ପାଇଁ ସମସ୍ତ ପୂଜା କମିଟିକୁ ବଦନାମ କରାଯାଉଛି। ସେହିଭଳି ଲୋକଙ୍କ ମନୋରଞ୍ଜନ ପାଇଁ ବଲିଉଡରୁ ଡ୍ୟାନ୍ସର ଏବଂ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ।

■ କଳମଗଡିଆ-ଶରତ ରାସ୍ତା

# ମରାମତି ନ ହେଲେ ଆନ୍ଦୋଳନ

**କପ୍ତିପଦା,୯।୯(ଡି.ଏନ.ଏ.)**

କପ୍ତିପଦା ବ୍ଲକ ଅଞ୍ଚଳର ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। କପ୍ତିପଦା-କଳମଗଡିଆ ଓ ମହିଁଷାସୂରୀ ଛକରୁ ଶରତ ପର୍ଯ୍ୟନ୍ତ ଦୀର୍ଘ ୩୦ କି.ମି ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଲଗାଣ ବର୍ଷା ପରେ ରାସ୍ତାର ବିଭିନ୍ନ ସ୍ଥାନ ଖାଲ ଖମାରେ ପାଣି ଭର୍ତ୍ତି ହୋଇ ଯାଇଥିବାବେଳେ ଲୋକମାନେ ଯିବା ଆସିବା କରିବାରେ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ନୂଆସାହି କଲେଜ ପିଲା ଓ ନୂଆସାହି ବଜାର କମିଟି ପକ୍ଷରୁ ବାରମ୍ବାର ଅଭିଯୋଗ ଓ ରାସ୍ତା ଅବରୋଧ ସତ୍ତ୍ୱେ ରାସ୍ତା କାମରେ ସୁଧାର ଆସିନି।

କପ୍ତିପଦା- ଶରତ ରାସ୍ତା କାମ ନ ହେବାରୁ ପୁଞ୍ଜିଭୂତ ଅସନ୍ତୋଷ ଜନ ଆନ୍ଦୋଳନର ରୂପ ନେବାକୁ ଯାଉଛି । ଏହି ରାସ୍ତାଟି କପ୍ତିପଦା ମୁଖ୍ୟାଳୟକୁ ସଂଯୋଗ କରୁଛି । ସ୍ଥାନେ ସ୍ଥାନେ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ଖାଲ ସୃଷ୍ଟି ହୋଇଛି। ଅସରାଏ ବର୍ଷାରେ ଏହି ରାସ୍ତାରେ ଯିବା ଆସିବା କରିବା ଲୋକଙ୍କ ପାଇଁ ମରଣଯନ୍ତା ସଦୃଶ ହେବ ବୋଲି ଜଡିଦା ଗ୍ରାମର ରମାଏ ସରେନ, ବାଦଲ ସିଂ ପ୍ରକାଶ କରିଛନ୍ତି।

ଉକ୍ତ ରାସ୍ତା ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଫିସ ଅଧିନରେ ଥିବା ବେଳେ ଆରଡି ବିଭାଗ ପଦାଧିକାରୀ କିମ୍ବା


ମହିଁଷାସୂରୀ-ଶରତ ରାସ୍ତାର ଶୋଚନୀୟ ଅବସ୍ଥା।

ସ୍ଥାନୀୟ ଯନ୍ତ୍ରୀଙ୍କର ଏହା ଉପରେ ଆଦୌ ଦୃଷ୍ଟି ନ ପଡିବାରୁ ଅସନ୍ତୋଷ ଦେଖା ଦେଇଛି। ଯଥାଶୀଘ୍ର ଏହାର ମରାମତି କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ନୂଆସାହି, ଜଡିଦା ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଅଜୟ କୁମାର ବେହେରାଙ୍କୁ ପଚାରିବାରୁ ସେ କହନ୍ତି, ମହିଷାସୂରୀ-କମଳମଗଡିଆ ରାସ୍ତା କାମ ବର୍ଷା ପାଇଁ ବନ୍ଦ ଅଛି । ଯଥାଶୀଘ୍ର ଆରମ୍ଭ ହେବ ଏବଂ ମହିଁଷାସୂରୀ ଶରତ ରାସ୍ତା ପାଇଁ ଏକ ପ୍ରସ୍ତାବ ଅନୁମୋଦନ ପାଇଁ ପଠାଯାଇଛି। ଅନୁମୋଦନ ହୋଇ ଆସିଲେ ଟେଣ୍ଡର ପାଇଁ ପ୍ରୋସେସିଙ୍ଗ କରାଯାଇ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବ ।

■ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

# ଶୃଙ୍ଖଳା, ନିଷ୍ଠାର ସହ ଖେଳିବାକୁ ଆହ୍ୱାନ

**ବଡ଼ସାହି,୯।୯(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲାସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ବଡ଼ସାହି ବ୍ଲକ ମଇ ବିଦ୍ୟାଳୟ ଖେଳ ପଡିଆ ପରିସରରେ ରବିବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର ଉପସ୍ଥିତ ରହି ଶୃଙ୍ଖଳା ଓ ନିଷ୍ଠାର ସହିତ ଖେଳି ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ସମ୍ମାନିତ ଅତିଥି ଭାବେ ଜିଲା ଶାରିରୀକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକ, ବିଇଓ ଦେବବ୍ରତ ବାରିକ, ଶିବିର ପର୍ଯ୍ୟବେକ୍ଷକ ବିଜୟ କୁମାର ମହାନ୍ତି,


ଜିଲାସ୍ତରୀୟ ଶାରଦୀୟ କ୍ରୀଡାରେ ଅଂଶଗ୍ରହଣ କରିଥିବା ଖେଳାଳି।

ଜିଲା ଓଷ୍ଟା ସଂଘ ସଭାପତି ନିରୋଦ ଚନ୍ଦ୍ର ମହାନ୍ତ, ସୁଦାମ ଦଳବେହେରା, ଆୟୋଜକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚକ୍ରଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ୨୬ଟି ବ୍ଲକରୁ ୧୭ବର୍ଷ ଓ ୧୪ବର୍ଷରୁ କମ୍ ୭୫୧ଜଣ ବାଳିକା ବାଳକମାନେ ଖୋ-ଖୋ, କବାଡି ଓ ଫୁଟବଲ ଖେଳରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ନାମ ପଞ୍ଜୀକରଣ କରାଯାଇଥିବା ବେଳେ ଦ୍ୱିତୀୟ ଦିବସରେ କ୍ରୀଡାର ଶୁଭ ଉଦ୍‌ଘାଟନ କରାଯାଇଛି। କପ୍ତିପଦା ସୋଲଗଡିଆ ବିଦ୍ୟାଳୟର ଶିକ୍ଷକ ରାଜକିଶୋର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ହରିଶଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ ।

# ୫ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର

**ବାରିପଦା ଅଫିସ,୯।୯**

ଆନ୍ତର୍ଜାତିକ ସ୍ୱାକ୍ଷରତା ଦିବସ ପାଳନ ଅବସରରେ ବାରିପଦା ରୋଟାରୀ କ୍ଲବ ପକ୍ଷରୁ ଶୁକ୍ରବାର ୫ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର ପ୍ରଦାନ କରାଯାଇଛି। ବାରିପଦା ରୋଟାରୀ କ୍ଲବ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଖାଲଗୋପ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାର୍ଗବୀ ପୋଥାଳ, ଅଞ୍ଜଳୀ ପାଇରା, ସସ୍ମିତା ପାତ୍ର, ଅମିୟପ୍ରଭା ପାତ୍ର ଏବଂ ଶିକ୍ଷକ ଭାଦୋ ହାଁସଦାଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ସମ୍ମାନିତ ଅତିଥି ଭାବେ ବାରିପଦା ଆଇଟିଡିଏ ପ୍ରକଳ୍ପ ଅଧିକାରୀ ବିଜୟ କୁମାର ଥମ୍ୱ, ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବିବେକାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ବାରିପଦା ରୋଟାରୀ କ୍ଲବ ସଭାପତି ମନୋଜ କୁମାର ଦଳବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ରୋଟାରିଆନ ଡ. ସୁଶାନ୍ତ କୁମାର ବଶା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋ ରୋଟାରିଆନ ଅରୁଣ କୁମାର ଦାଶ ଯୋଗ ଦେଇ ନିଜର ମତ ରଖିଥିଲେ। ଶେଷରେ ରୋଟରିଆନ ବୀଣାପାଣି ପଣ୍ଡା ଧନ୍ୟବାଦ ଦେଇଥିଲେ।



ସମ୍ମାନିତ ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

# ଆମ ବିଦ୍ୟାଳୟ କାର୍ଯ୍ୟକ୍ରମ ବୈଠକ

**ଖୁଣ୍ଟା,୯।୯(ଡି.ଏନ.ଏ.)**

ସ୍ଥାନୀୟ ଖୁଣ୍ଟା ମଧ ଇଂରାଜୀ ବିଦ୍ୟାଳୟ କାର୍ଯ୍ୟାଳୟ ଗୃହରେ ପ୍ରଧାନ ଶିକ୍ଷୟିତ୍ରୀ ସୁମମଣି ଦେଇଙ୍କ ଅଧକ୍ଷତାରେ ଆମ ବିଦ୍ୟାଳୟ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ପ୍ରଶାନ୍ତ ବେହେରା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ମୁଖ୍ୟତଃ ଶ୍ରେଣୀଗୃହ ଓ ଅନ୍ତେବାସୀ ଛାତ୍ରୀଙ୍କ ପାଇଁ ଏକ ଭୋଜନାଳୟ ସହିତ ଅନ୍ୟ କେତେକ ଆବଶ୍ୟକତା ନଜରକୁ ଆସିଥିଲା । ତେବେ ଏହି ସବୁ ଆବଶ୍ୟକତା ପୂରଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ଆଯାଇଥିବା ବେଳେ ଏଥିପାଇଁ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ମାନେ ନିଜ ଇଚ୍ଛା ଅନୁଯାୟୀ ପାଣ୍ଠି ବିଦ୍ୟାଳୟକୁ ଦାନ କରିଥିଲେ । ଏହି ବାର୍ତ୍ତାକୁ ଅନ୍ୟ ମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଦାୟିତ୍ୱ ନେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜନାର୍ଦ୍ଦନ ମହାପାତ୍ର ଏ ଦିଗରେ ସହଯୋଗ କରିବେ ବୋଲି କହିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବକାରୀ ଚଢ଼ାଉ, ୪ ଗିରଫ

**ଖୁଣ୍ଟା, ୯।୯(ଡି.ଏନ.ଏ.)**

ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ମହୁଲିମଦ ପ୍ରସ୍ତୁତି ଓ କାରବାରରେ ଲିପ୍ତଥିବା ଦୁଇ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ମୋଟ ୨୪ ଲିଟର ଦେଶୀ ମହୁଲିମଦ ଜବତ କରିଛି । ଅଭିଯୁକ୍ତ ମାନେ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ ଛୁରୁଣୀ ଗ୍ରାମର ପାନ ହେମ୍ବ୍ରମ ଓ ପାର୍ବତୀ ବିନ୍ଧାଣି, ରାଣୀବନ୍ଧ ଗ୍ରାମର ସାଧୁ ଚରଣ ପୃଷ୍ଟି ଓ ବଡ଼ଯମୁନା ଗ୍ରାମର ଚୈତନ୍ୟ ମାର୍ଣ୍ଡି। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉ ରେ ଖୁଣ୍ଟା ଅବକାରୀ ଅଧିକାରୀ ମଞ୍ଜୁଲତା ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ ।

# ସଂସ୍କୃତ ଭାଷା ଓ ସଂସ୍କୃତି ପରିପୂରକ

**ବାରିପଦା ଅଫିସ,୯।୯**

ବାରିପଦାସ୍ଥିତ ମହାରାଣୀ ପ୍ରେମ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ମୟୂରଭଞ୍ଜ ଶାଖାର ସ୍ଥାୟୀ ସଭାପତି ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯଦୁନାଥ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ମୁଖ୍ୟ ବକ୍ତା ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ନିର୍ମଳଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧକ୍ଷା ଡ.ସୁଜାତା ଦାସ ମହାପାତ୍ର, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ରାଜ୍ୟ ସଭାପତି ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତ ଭାଷା ଓ ସଂସ୍କୃତି ପରିପୂରକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିଶୁ ସତ୍ୟ ପ୍ରକାଶ ବିନ୍ଧାଣୀ ଗୀତା ପାଠ କରିଥିଲେ। ସହ ସମ୍ପାଦକ ସପନ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସନତ କୁମାର ପ୍ରହରାଜ, ନିରଞ୍ଜନ ବାରିକ,ହରିହର ତ୍ରିପାଠୀ,ଦଶରଥ ମହାନ୍ତ,ବିକାଶ କୁମାର ମାଇତି, ପ୍ରିୟବ୍ରତ ବେହେରା, ପୁଷ୍ପଲତା ନାୟକ, କଳ୍ପନା ମାହାଲା, ଶିବଚରଣ ନାଏକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜିଲା ସଂସ୍କୃତ ଶିକ୍ଷକ ମହାସଂଘର ଉପ ସଭାପତି ସନାତନ ପରିଡା ଧନ୍ୟବାଦ ଦେଇଥିଲେ।



ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।

# କମୁଛି ଜଳଧାରଣ କ୍ଷମତା

**କପ୍ତିପଦା,୯।୯(ଡି.ଏନ.ଏ.)**

ଜଙ୍ଗଲ, ପାହାଡ ଓ ଉଚ୍ଚ ଜମିରୁ ପ୍ରବାହିତ ବର୍ଷା ଜଳକୁ ସଂରକ୍ଷିତ ରଖି ଚାଷ କାର୍ଯ୍ୟରେ ବିନିଯୋଗ କରାଯିବା ନିମନ୍ତେ କପ୍ତିପଦା ବ୍ଲକର ଚୁଇଁପୋଷିଠାରେ ୧୯୭୩ ମସିହାରେ କାଳ ମଧ୍ୟମ ଜଳ ସେଚନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ପ୍ରାୟ ୫ ବର୍ଷ ପରେ ଏହା କାର୍ଯ୍ୟକ୍ଷମ କରିବା ଆରମ୍ଭ କରିଥିଲା। ଏଥିଯୋଗୁ ବ୍ଲକର ୧୨ ପଞ୍ଚାୟତ, ଗୋପବନ୍ଧୁନଗର ବ୍ଲକର କେତେକ ପଞ୍ଚାୟତ ଓ ବାଲେଶ୍ୱର ଜିଲାର କେତେକ ବ୍ଲକକୁ ଜଳସେଚନ ସୁବିଧା ହୋଇପାରିଥିଲା। ମାତ୍ର ଉକ୍ତ ପ୍ରକଳ୍ପରୁ ଦୀର୍ଘ ବର୍ଷ ହେଲା ପଙ୍କ ଉଦ୍ଧାର କରା ଯାଉ ନ ଥିବା ବେଳେ ମରାମତି ହେଉ ନ ଥିବାରୁ ଡ୍ୟାମର ଜଳଧାରଣ କ୍ଷମତା କମିବାରେ ଲାଗିଛି।

ଡ୍ୟାମର ନଦୀ ଆଡିବନ୍ଧ ନିର୍ମାଣ ହେଉ କିମ୍ବା ଜଳସେଚନ ପ୍ରକଳ୍ପ କାମ ହେଉ ସବୁଥିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ଆବଶ୍ୟକ ସ୍ଥାନରେ ମରାମତି କରା ନ ଯାଇ ବିଭାଗ ଓ ଠିକାଦାରଙ୍କୁ ସୁହାଇଲା ଭଳି ସ୍ଥାନରେ କରାଯାଉଥିବାରୁ ପରିସ୍ଥିତି ଅଧିକ ଜଟିଳ ହେଉଛି। ଫଳରେ ଏହି ବନ୍ଧ ଉପରେ ନିର୍ଭର କରୁଥିବା ଶହଶହ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏପରିକି ନିକଟସ୍ଥ ଗ୍ରାମର ପାରିପାର୍ଶ୍ୱିକ


ଅବକ୍ଷୟ ଅବସ୍ଥାରେ ଥିବା କାଳ ଜଳସେଚନ ପ୍ରକଳ୍ପ।

ସ୍ଥିତି ମଧ୍ୟ ପ୍ରଭାବିତ ହେଉଛି। ଉକ୍ତ ବନ୍ଧରେ ସଂଯୋଗ ହୋଇଥିବା ନଦୀ ଓ ନାଳର ପଟୁମାଟି ଧୋଇଆସି ଏହି ପ୍ରକଳ୍ପକୁ ପୋତି ପକାଇବାକୁ ବସିଲାଣି। ବନ୍ଧ ମଧ୍ୟରେ ଅନେକ ଟାପୁ ସୃଷ୍ଟି ହୋଇଥିବା ବେଳେ ପଙ୍କରେ ପ୍ରକଳ୍ପଟି ପୋତି ଯିବା ଯୋଗୁ ଏହାର ଜଳଧାରଣ କ୍ଷମତା କମୁଛି । ଫଳରେ ମାଛ ଚାଷ ବାଧାପ୍ରାପ୍ତ ହେଉଛି। କାଳବନ୍ଧ ସହିତ ସଂଯୋଗୀକରଣ ହୋଇଥିବା କୁଶଭଦ୍ରା, ଠକ୍‌ଠକି ଓ କାଳ ନଦୀର ଦୁଇ ପାର୍ଶ୍ୱରେ ଅଡ଼ିବନ୍ଧ ନିର୍ମାଣ ନ ହେବା କାରଣରୁ ବହୁ ଗ୍ରାମ ନଦୀଗର୍ଭରେ ଲୀନ ହୋଇଛି। ବର୍ଷାଦିନ ଆରମ୍ଭ ହେଲେ ଏହି ଗ୍ରାମର ଜନସାଧାରଣ ବିଭିନ୍ନ ସମସ୍ୟା ଦେଇ ଗତି କରିଥାନ୍ତି । ତେଣୁ ଏହି ସବୁ ସ୍ଥାନରେ ଆଡିବନ୍ଧ ନିର୍ମାଣ ସହିତ ଡ୍ୟାମ ଓ କେନାଲର ପୁନଃଉଦ୍ଧାର ପାଇଁ ଦାବୀ ହୋଇଛି । ରକ୍ଷଣାବେକ୍ଷଣ ଅଭାବରୁ ବହୁ କେନାଲ ପୋତିଯିବା ଫଳରେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ଏ ସମ୍ପର୍କରେ ବହୁବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ହେଁ କୌଣସି ସୁଫଳ ମିଳୁ ନାହିଁ । ମାତ୍ର ପ୍ରତିବର୍ଷ କୋଟି କୋଟି ଟଙ୍କାର କାମ ହେଉଛି । ତାହା କେଉଁଠି ହେଉଛି ତାର କିଛି ହିସାବ ସାଧାରଣ ଲୋକଙ୍କ ନିକଟରେ ନାହିଁ । ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ଦୁର୍ବିପାକ ଲାଗି ରହିବାରୁ ଚାଷୀମାନେ ସେମାନଙ୍କର

■ପଙ୍କମୟ କାଳ ଜଳ ସେଚନ ପ୍ରକଳ୍ପ
■ କେନାଲ, ଆଡିବନ୍ଧ ପୁନରୁଦ୍ଧାର ଦାବି
■ଆବଶ୍ୟକ ସ୍ଥାନରେ ହେଉନି ମରାମତି

ଚାଷର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଥାନ୍ତି ଦର୍ଶାଇଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଜେ.ଏସ୍. ଜାମଡ଼ିହାର କଣ୍ଟାଗଡ଼ି, ପିଙ୍ଗୁ ପଞ୍ଚାୟତର ଛାନୁଆ, ବଡ଼ଖଲାଡ଼ି ଗ୍ରାମର ଚତୁରିଘାଟୀ, ଦେବଳା ପଞ୍ଚାୟତର ବଡ଼ଝାଡ଼ ଏବଂ କୋଳିଅଳମ୍ ପଞ୍ଚାୟତର ବହୁ ଲୋକ ବାସଚ୍ୟୁତ ହୋଇଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ନୂଆ ନାଭରା ଗ୍ରାମକୁ ଥଇଥାନ କରାଯାଇଥିଲେ ହେଁ ବହୁ ବ୍ୟକ୍ତି ସେମାନଙ୍କର ଭିଟାମାଟିର ଉଚିତ ମୂଲ୍ୟ ଅଦ୍ୟାବଧି ପାଇବାରୁ ବଞ୍ଚିତ ହୋଇଛନ୍ତି।

ସେହିପରି ବିଭିନ୍ନ ସମୟରେ ଉଚ୍ଚ ବୈଷୟିକ କମିଟି ବନ୍ଧ ପରିସ୍ଥିତି ଅନୁଧ୍ୟାନ କରି ସରକାରଙ୍କୁ ସୁପାରିସ କରୁଥିବା କାର୍ଯ୍ୟ ଅର୍ଥାଭାବ ଦର୍ଶାଇ କରାଯାଇ ପାରୁନାହିଁ । ୨୦୧୫-୧୬ରେ ବନ୍ଧର ବିଭିନ୍ନ କାର୍ଯ୍ୟ ପାଇଁ ୬୨.୫ଲକ୍ଷ ଟଙ୍କା(କ୍ରିଟିକାଲ ଲୁମ୍ପସ୍), ରୋଡ ଓ ବ୍ରିଜ ପାଇଁ ୧୫.୮ଲକ୍ଷ ଟଙ୍କା, ପେରିଫେରିଆଲ ଡେଭଲପମେଣ୍ଟ ଓ ଇକୋ ଟୁରିଜିମ୍ ପାଇଁ ୩୫ ଲକ୍ଷ ଟଙ୍କା ଓ ମେଣ୍ଟେନାନ୍ସ ଓ ରିପେୟାରିଙ୍ଗ ପାଇଁ ୩୮ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ କାର୍ଯ୍ୟ ହୋଇଛି । ସେହିପରି ୨୦୧୬-୧୭ ବର୍ଷରେ ଏ ସମସ୍ତ କାମ ପାଇଁ ୧କୋଟି ୫୦ ଲକ୍ଷ ପାଖାପାଖି ଟଙ୍କାର ବ୍ୟୟ ବରାଦ ହୋଇ ବିଭିନ୍ନ ପ୍ରକାର ଉନ୍ନତୀକରଣ କାର୍ଯ୍ୟ ହୋଇଛି । ୨୦୧୭-୧୮ରେ ଇକୋ ଟୁରିଜିମ୍ ପାର୍କର ଡେଭଲପମେଣ୍ଟ ପାଇଁ ୧ କୋଟି ପାଖାପାଖି ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରି ବିଭାଗୀୟ ଅଧିକାରୀଙ୍କ ସୁପାରିସ ପାଇଁ ପଠାଯାଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଗୌରାଙ୍ଗ ସାହୁ କହିଛନ୍ତି। ନିକଟ ଅତୀତରେ ଏଠାରେ ଏକ ବୋଟିଂ ପ୍ରକଳ୍ପ ତତ୍କାଳୀନ ଜିଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏତଦ୍‌ବ୍ୟତୀତ ସମ୍ପୂର୍ଣ୍ଣ ବନ୍ଧରେ ଇଲେକ୍ଟ୍ରିଫିକେସନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ଏହା ଏକ ଉତ୍କୃଷ୍ଟ ପିକନିକ୍ ସ୍ପଟ୍ ହୋଇଥିବାରୁ ଏହି ସମୟରେ ବନ୍ଧ ଚଳଚଞ୍ଚଳ ହୋଇ ଉଠେ । ବହୁ ପର୍ଯ୍ୟଟକ ଏଠାକୁ ଭୋଜି କରିବା ଉଦ୍ଦେଶ୍ୟରେ ଆସୁଥିବା ଦେଖାଯାଏ । ତେଣୁ ଜଳସେଚନ ବିଭାଗ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସୁଚିନ୍ତିତ ପଦକ୍ଷେପ ନେଲେ ପର୍ଯ୍ୟଟକମାନେ ଉକ୍ତ ବନ୍ଧ ପ୍ରତି ଆକୃଷ୍ଟ ହୁଅନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ସୋମବାର, ୧୦ ସେପ୍ଟେମ୍ବର, ୨୦୧୮



“ ଜୋସ୍ ମୋରିନୋଙ୍କ ସ୍ଥାନରେ ଯଦି ମୋତେ ମାଞ୍ଚେଷ୍ଟର ୟୁନାଇଟେଡ ଦଳର ମ୍ୟାନେଜର କରାଯାଏ ତେବେ ଦଳର ଆଟାକିଂ ଷ୍ଟାଇଲକୁ ମୁଁ ବଜାୟ ରଖିବି ।

–ଏରିକ୍ କାଣ୍ଟୋନା, ଫ୍ରାନ୍ସର ପୂର୍ବତନ ଫୁଟ୍‌ବଲ ଖେଳାଳି



“ ଭାରତୀୟ କ୍ରିକେଟ ଦଳରେ କ୍ୱାଲିଟି ବ୍ୟାଟ୍ସମ୍ୟାନ ଓ ବୋଲର ରହିଛନ୍ତି। ବିଦେଶରେ ସିରିଜ ଜିତିବାକୁ ହେଲେ ମାନସିକ ଦୃଢତାର ଆବଶ୍ୟକତା ରହିଛି ।

–ଆଡାମ ଗିଲକ୍ରିଷ୍ଟ, ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର



## ସଂକ୍ଷେପରେ

### ୭ ପଏଣ୍ଟ ସହ ସାର୍ଥକ ଅଗ୍ରଣୀ

କଟକ ଅଫିସ,୯।୯: ଇଷ୍ଟକୋଷ୍ଟ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ଏସ୍.ଆର. ଚେସ ସେଣ୍ଟର ଆନୁକୂଲ୍ୟରେ ଚାଲିଥିବା ପ୍ରଥମ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟ ସ୍ତରୀୟ ଚେସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନର ଖେଳ ଶେଷ ହୋଇଛି । ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ରବିବାର ସନ୍ଧ୍ୟା ସୁଦ୍ଧା ୭ ରାଉଣ୍ଡ ସମ୍ପନ୍ନ ହୋଇଥିବା ବେଳେ ରାଉରକେଲା ଡିପିଏସ୍ କଳିଙ୍ଗର ସାର୍ଥକ ଦେବତା ସମସ୍ତ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଣୀ ରହିଛନ୍ତି । ସାର୍ଥକ ୭ମ ରାଉଣ୍ଡରେ ପୁରୀର ଜଗଦୀଶ ଘଡାଇଙ୍କୁ ପରାସ୍ତ କରି ୭ ପଏଣ୍ଟ ପାଇବା ସହ ଚାମ୍ପିୟନ ହେବାର ଆଶା ଉଜ୍ଜ୍ୱଳ କରିଛନ୍ତି । କଟକର ହର୍ଷିତ ରଞ୍ଜନ ସାହୁ ୬.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ରୁଦ୍ର ନାରାୟଣ, ପ୍ରତ୍ୟୁଷ ମହାପାତ୍ର, କୌସ୍ତୁଭ ଦାସ, ଶାଶ୍ୱତ ମଲ୍ଲିକ, ଆର୍ଯ୍ୟ ଅର୍ନଭ ସାମନ୍ତରାୟ, ପି ସାଇରୂପା ପ୍ରମୁଖ ୬ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛନ୍ତି । ୭ଜଣ ଖେଳାଳି ୫ ପଏଣ୍ଟ ହାସଲ କରିଛନ୍ତି । ସୋମବାର ଅପରାହ୍ନରେ ୮ମ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇ ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି । ରବିବାର ପ୍ରତିଯୋଗିତାକୁ ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ରଶ୍ମିତା ମିଶ୍ର, କଟକ ଜିଲ୍ଲା ଚେସ୍ ସଂଘର ଉପସଭାପତି ରାଜେନ୍ଦ୍ର ସେଠୀ, ଫନୀନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚୈତନ୍ୟ ରାଉତ, ସୂର୍ଯ୍ୟକାନ୍ତ ବିଶୋୟୀ, ଅବିନାଶ ଦାସ, ସତ୍ୟଜିତ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

### ଅଷ୍ଟ୍ରେଲିଆ ଫୁଟ୍‌ବଲ ଟ୍ରେନିଂରୁ ବୋଲ୍ଟଙ୍କୁ ବିରତି

ସିଡ୍‌ନୀ,୯।୯(ଏଏଫ୍‌ପି): ଚାମ୍ପିୟନ ସ୍ପ୍ରିଣ୍ଟର ଉସେନ ବୋଲ୍ଟ ଫୁଟ୍‌ବଲ ପ୍ରଶିକ୍ଷଣରୁ ବିରତି ନେଇଛନ୍ତି। ପୂର୍ବ ଚୁକ୍ତି ଅନୁଯାୟୀ ସେ ଅଷ୍ଟ୍ରେଲିଆ ଛାଡ଼ିଥିବା ଏ’ ଲିଗ୍ କ୍ଲବ ପକ୍ଷରୁ କୁହାଯାଇଛି। ଜାମାଇକାନ ସୁପରଷ୍ଟାର ପେସାଦାର ଫୁଟ୍‌ବଲ ଖେଳିବା ସ୍ୱପ୍ନକୁ ପୂରା କରିବା ଲାଗି ସିଡ୍‌ନୀଠାରୁ ୭୫ କିମି ଦୂରରେ ଗୋସ୍‌ଫୋର୍ଡଠାରେ ପ୍ରଶିକ୍ଷଣ ନେଉଛନ୍ତି। ୩୨ ବର୍ଷୀୟ ଧାବକ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ କ୍ଲବ ସହ ୩ ସପ୍ତାହ ହେଲା ଅଭ୍ୟାସ କରୁଛନ୍ତି। ସେ କ୍ଲବର ଏକ ପ୍ରି-ସେସନ ମ୍ୟାଚ୍‌ରେ ତାଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ବୋଲ୍ଟ ୯ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଦେଶରେ ରହିବେ। କିନ୍ତୁ ସେ କେଉଁଆଡ଼େ ଗସ୍ତ କରିଛନ୍ତି ସେ ସମ୍ପର୍କରେ କ୍ଲବ ପକ୍ଷରୁ ସୂଚନା ଦିଆଯାଇନାହିଁ।

# ଅନ୍ତିମ ଟେଷ୍ଟ: ଇଂଲଣ୍ଡ ଅଗ୍ରଣୀ

ଲଣ୍ଡନ, ୯।୯ (ପି.ଟି.)

ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଭ୍ରମଣକାରୀ ଭାରତର ବ୍ୟାଟିଂ ଦୁର୍ବଳତା ପୁଣି ଥରେ ପଦାରେ ପଡିଛି। ଦମ୍‌ଦାର ବୋଲିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। କ୍ରମାଗତ ପଞ୍ଚମଥର ପାଇଁ ଟସ୍ ଜିତି ଇଂଲଣ୍ଡ ପ୍ରଥମ ବ୍ୟାଟିଂ କରି ପ୍ରଥମ ଇନିଂସରେ ୧୨୨ ଓଭରରେ ୩୩୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଭାରତ ତୃତୀୟ ଦିନରେ ୯୫ ଓଭରରେ ୨୯୨ ରନ କରି ଅଲଆଉଟ ହୋଇଛି। ଫଳରେ ଇଂଲଣ୍ଡ ୪୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୭୪/୬ ରୁ ଭାରତ ରବିବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ୨୫ ରନରୁ ଖେଳ ଆରମ୍ଭ କରି ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସ୍ପିନର ମୋଇନ ଅଲୀଙ୍କ ବଲରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଟେଷ୍ଟ ପଦାର୍ପଣରେ ୨୪ ବର୍ଷୀୟ ହନୁମା ୨୬ତମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଅର୍ଦ୍ଧଶତକ ହାସଲ କରି ନିଜ ଚୟନର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ତେବେ ସେ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇପାରି ନାହାନ୍ତି। ସେହିପରି ଜାଡେଜା ୮ ରନରୁ ଖେଳ ଆରମ୍ଭ କରି ୮୬ ରନର ଲଢୁଆ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଉଭୟ ଲଢୁଆ ବ୍ୟାଟିଂ କରି ସପ୍ତମ ଉଇକେଟ ଯୋଡିରେ ୭୭ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ୍ତ ଶର୍ମା ୪ ଓ ମହମ୍ମଦ ସାମି ୧ ରନ କରି ଯଥାକ୍ରମେ ଦୁଇ ସ୍ପିନର ମୋଇନ ଓ ଆଡିଲ ରସିଦଙ୍କ ଦ୍ୱାର ଆଉଟ ହୋଇଥିଲେ। ଯଶପ୍ରୀତ ବୁମରା ଶେଷ ଉଇକେଟ ଭାବେ କୌଣସି ରନ ନ କରି ଦୁର୍ଭାଗ୍ୟଜନକ ଭାବେ ରନ ଆଉଟ ହୋଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଭାରତର ହନୁମା ବିହାରୀ ।

ବୁମରା ୧୪ଟି ବଲ୍‌ର ସମ୍ମୁଖୀନ ହୋଇ ଜାଡେଜାଙ୍କୁ ସହାୟତା ପ୍ରଦାନ କରିବାକୁ ଚେଷ୍ଟା କରିଥିଲେ। ଯାହାଫଳରେ ଅନ୍ତିମ ଉଇକେଟରେ ଜାଡେଜା ଓ ବୁମରା ୩୨ ରନ ସଂଗ୍ରହ କରିଥିଲେ।

ଦ୍ୱିତୀୟ ଦିବସରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଭାରତ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲା। ଓପନର ଲୋକେଶ ରାହୁଲ ୩୭, ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୩୭, ଅଧିନାୟକ ବିରାଟ କୋହଲି ୪୯ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଅଭିଜ୍ଞ ଓପନର ଶିଖର ଧାୱନ ୩, ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୫ ରନ କରି ଆଉଟ ହୋଇଥିବା ବେଳେ ଅଜିଙ୍କ୍ୟ ରାହାନେ ଖାତା ଖୋଲି ପାରି ନ ଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜେମ୍ସ ଆଣ୍ଡରସନ, ବେନ ଷ୍ଟୋକ୍ସ ଓ ମୋଇନ ଅଲୀ ଦୁଇଟି ଲେଖାଏ ଉଇକେଟ ହାସଲ କରିଥିଲେ। ସେହିପରି ଷ୍ଟୁଆର୍ଟ ବ୍ରଡ, ସାମ କୁରାନ ଓ ଆଡିଲ ରସିଦ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ- ୧୨୨ ଓଭରରେ ୩୩୨ ଅଲଆଉଟ୍।
- ଭାରତ ପ୍ରଥମ ଇନିଂସ- ୯୫ ଓଭରରେ ୨୯୨ ଆଲଆଉଟ (ଜାଡେଜା- ୮୬*, ହନୁମା- ୫୬, କୋହଲି- ୪୯, ପୂଜାରା- ୩୭, ରାହୁଲ- ୩୭, ଆଣ୍ଡରସନ- ୨/୫୪, ଷ୍ଟୋକ୍ସ- ୨/୫୬, ମୋଇନ- ୨/୫୦)।

### ଆଣ୍ଡରସନ ଦଣ୍ଡିତ

ଇଂଲଣ୍ଡ ପେସର ଜେମ୍ସ ଆଣ୍ଡରସନଙ୍କୁ ଖରାପ ଆଚରଣ ଲାଗି ଦଣ୍ଡିତ କରାଯାଇଛି। ଏଠାରେ ଚାଲିଥିବା ଭାରତ ବିପକ୍ଷ ୫ମ ଟେଷ୍ଟ ମ୍ୟାଚ୍‌ର ୨ୟ ଦିବସରେ ସେ ଫିଲ୍ଡ ଅମ୍ପାୟର କୁମାର ଧର୍ମସେନାଙ୍କ ପ୍ରତି ଅତ୍ୟନ୍ତ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ତାଙ୍କ ମ୍ୟାଚ୍ ଫି’ର ୧୫ ପ୍ରତିଶତ କାଟ କରି ଦିଆଯାଇଛି। ଏଥିସହ ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ମଧ୍ୟ ଦିଆଯାଇଛି। ଘଟଣାଟି ଭାରତୀୟ ଇନିଂସ୍‌ର ୨୯ତମ ଓଭର୍‌ରେ ଘଟିଥିଲା। ଆଣ୍ଡରସନ ଭ୍ରମଣକାରୀ ଦଳର ଅଧିନାୟକ ବିରାଟ କୋହଲିଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରିବା ପାଇଁ ଅପିଲ କରିଥିଲେ ମଧ୍ୟ ଅମ୍ପାୟର ଧର୍ମସେନା ପ୍ରତ୍ୟାଖ୍ୟାନ କରିଥିଲେ। ଏହାପରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ରିଭ୍ୟୁ ନେଇଥିଲେ ମଧ୍ୟ କୋହଲି ବର୍ତ୍ତି ଯାଇଥିଲେ। ବୋଲିଂ କରି ସାରିବା ପରେ ଆଣ୍ଡରସନ ଅମ୍ପାୟରଙ୍କଠାରୁ ଟୋପି ଛଡ଼ାଇ ଆଣିବା ସହ ଖରାପ ଆଚରଣ ପ୍ରଦର୍ଶନ କରିଥିଲେ।

# ଶାସ୍ତ୍ରୀଙ୍କ ସହ ଆଲୋଚନା କରିପାରେ ପ୍ରଶାସକ କମିଟି

ନୂଆଦିଲ୍ଲୀ, ୯।୯ (ପି.ଟି.)

ଇଂଲଣ୍ଡରେ ଭାରତୀୟ କ୍ରିକେଟ ଦଳର ନିକୃଷ୍ଟ ପ୍ରଦର୍ଶନ ପ୍ରଶାସକ କମିଟି (ସିଏଓ) ଚିନ୍ତା ପ୍ରକଟ କରିଛି। ପଞ୍ଚମ ଟେଷ୍ଟ ମ୍ୟାଚ ସରିଲେ ଇଂଲଣ୍ଡ ଟୁର୍‌ରେ ଭାରତୀୟ ଦଳର ପ୍ରଦର୍ଶନ ନେଇ ବିଶ୍ଳେଷଣ କରାଯିବ। ସେପ୍ଟେମ୍ବର ୧୧ରେ ମୁମ୍ବାଇରେ ପ୍ରଶାସକ କମିଟି ବୈଠକ ବସିବ। ଏଥିରେ ନୂଆ ସମ୍ବିଧାନ ପ୍ରଚଳନ ସଂକ୍ରାନ୍ତରେ ଆଲୋଚନା ହେବ। ଏହାଛଡ଼ା ଇଂଲଣ୍ଡରେ ଭାରତୀୟ ଦଳର ପ୍ରଦର୍ଶନ ନେଇ ମଧ୍ୟ ଆଲୋଚନା ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ତେବେ ରବି ଶାସ୍ତ୍ରୀଙ୍କ ସହିତ ବ୍ୟକ୍ତିଗତ ଆଲୋଚନା କରିବ କିମ୍ବା ତାଙ୍କଠାରୁ ଲିଖିତ ଭାବେ ଫିଡ୍‌ବ୍ୟାକ୍ ନେବାକୁ ଚାହିଁବ ଏହା ସିଓଏର ମର୍ଜି ଉପରେ ନିର୍ଭର କରେ। ବର୍ତ୍ତମାନ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଅଚଳ ହୋଇପଡ଼ିଛି। ନୂଆ କର୍ମକର୍ତ୍ତା ନିର୍ବାଚିତ ନ ହେବା ପର୍ଯ୍ୟନ୍ତ ସିଏସି ଅକାମି ହୋଇ ରହିବ। ତେଣୁ ଏହି ପିରିସ୍ଥିତିରେ ସିଓଏ ଦାୟିତ୍ୱ ନିର୍ବାହ କରିବ। ଯଦି ଏକ ବୈଠକ ହୁଏ ତେବେ ଚୟନ କମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦଙ୍କ ମତାମତ ମଧ୍ୟ ନିଆଯିବ। ଦେଶ ହେଉ ଅବା ବିଦେଶରେ କୌଣସି ସିରିଜ ଶେଷରେ ଦଳର ମ୍ୟାନେଜରକୁ ରିପୋର୍ଟ ଉପସ୍ଥାପନ କରିବାକୁ ହୋଇଥାଏ। ଏହି ପରମ୍ପରା ୩ ଦଶନ୍ଧିର ଅଧିକ ସମୟ ଧରି ପ୍ରଚଳିତ ହୋଇ ଆସୁଛି। କିନ୍ତୁ କୋଚ୍‌ଙ୍କୁ କେବେ ରିପୋର୍ଟ ଦେବାକୁ ପଡ଼ି ନ ଥାଏ। ସୁନିଲ ସୁବ୍ରମଣ୍ୟମ ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳର ମ୍ୟାନେଜର ଅଛନ୍ତି। ପ୍ରଶାସନିକ କାର୍ଯ୍ୟ ବ୍ୟତୀତ ସେ ଖେଳାଳିଙ୍କ ପ୍ରଦର୍ଶନ ଉପରେ କିଛି କହିପାରିବେ ନାହିଁ। ଖାଦ୍ୟପେୟ, ଗମନାଗମନ ସୁବିଧା ଓ ପ୍ରାକ୍ଟିସ କଣ୍ଡିଶନ ଆଦି ପ୍ରସଙ୍ଗ ମଧ୍ୟ ତାଙ୍କ କାର୍ଯ୍ୟର ପରିସରଭୁକ୍ତ। ଏହା ବ୍ୟତୀତ ସୁନୀଲଙ୍କୁ ଅନ୍ୟ କୌଣସି ବିଷୟରେ ରିପୋର୍ଟ ଦେବାକୁ ବାଧ୍ୟ କରାଯାଇ ପାରିବ ନାହିଁ। କ୍ରିକେଟିଂ ଫିଡ୍‌ବ୍ୟାକ୍ ଶାସ୍ତ୍ରୀ, କୋହଲି କିମ୍ବା ଏମଏସ୍‌କେ ପ୍ରସାଦ ଦେଇ ପାରିବେ। ଗ୍ରେଗ୍ ଚାପେଲଙ୍କ ପରେ ଭାରତୀୟ ଦଳର କୌଣସି କୋଚ୍ ବିଦେଶ ସିରିଜ ପରେ ଲିଖିତ ଭାବେ ବିସିସିଆଇକୁ ପ୍ରଦର୍ଶନ ସମୀକ୍ଷା ରିପୋର୍ଟ ଦେଇ ନାହାନ୍ତି। ବୋର୍ଡର ସମ୍ପାଦକ ଅବା ସଭାପତିଙ୍କ ସହିତ କୋଚ୍ ଅବା ଅଧିନାୟକଙ୍କ ମଧ୍ୟରେ ସିରିଜରେ ପ୍ରଦର୍ଶନ ସମ୍ପର୍କରେ ଆଲୋଚନା ହୋଇଥାଏ। ବର୍ତ୍ତମାନ ପରିସ୍ଥିତିରେ କାର୍ଯ୍ୟକାରୀ ସଭାପତି ସିକେ ଖାନ୍ନାଙ୍କୁ ଏଭଳି କୌଣସି ଦାୟିତ୍ୱ ଦିଆଯାଇ ନାହିଁ। ପ୍ରଶାସକ କମିଟି କାର୍ଯ୍ୟକାରୀ ସମ୍ପାଦକ ଅମିତାଭ ଚୌଧାରୀଙ୍କ କ୍ଷମତାକୁ ସଙ୍କୁଚିତ କରିଦେଇଛି।

## ସନ୍‌ସାଇନ୍, ୟଙ୍ଗ ଉତ୍କଳ ବିଜୟୀ

କଟକ ଅଫିସ,୯।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ସନ୍‌ସାଇନ୍ କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ବିଜୟୀ ହୋଇଛନ୍ତି। ସନ୍‌ସାଇନ୍ କ୍ଲବ ୨–୦ ଗୋଲରେ ଲାଲବାଗ କ୍ଲବକୁ ପରାସ୍ତ କରିଥିଲା । ଦଳ ପକ୍ଷରୁ ଅନିଲ ସାମଲ ୩୩ତମ ମିନିଟରେ ଓ ପିଣ୍ଟୁ ସାମଲ ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଇଜିଂ ଷ୍ଟାର କ୍ଲବକୁ ୩–୧ ଗୋଲରେ ହରାଇଥିଲା ୟଙ୍ଗ ଉତ୍କଳ କ୍ଲବ । ମ୍ୟାଚ୍‌ର ୨ୟ ମିନିଟରେ ରାଇଜିଂ ଷ୍ଟାର ପକ୍ଷରୁ ରଜକ ନାଗ ପ୍ରଥମ ଗୋଲ ଦେଇଥିଲେ। ପରେ ୟଙ୍ଗ ଉତ୍କଳ କ୍ଲବ ପକ୍ଷରୁ ୧୦ମ ମିନିଟରେ କୃଷ୍ଣ ଦାସ, ୩୫ତମ ମିନିଟରେ ତପନ ସିଂ ଓ ୩୭ତମ ମିନିଟରେ ଦୀନବନ୍ଧୁ ଦାସ ଗୋଲ ଦେଇ ପ୍ରଥମାର୍ଦ୍ଧର ସ୍କୋରକୁ ୩–୧ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ନ ହେବା ଯୋଗୁ ୟଙ୍ଗ ଉତ୍କଳ କ୍ଲବ ବିଜୟୀ ହୋଇଥିଲା ।

# କଲେଜ ସାଥୀ ଚାରୁଙ୍କ ହାତ ଧରିବେ ସାମସନ

ନୂଆଦିଲ୍ଲୀ, ୯।୯

ଭାରତୀୟ ଦଳର ଯୁବ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ କଲେଜ ସମୟର ବାନ୍ଧବୀ ଚାରୁଙ୍କ ସହ ଥିବା ପ୍ରେମ ସମ୍ପର୍କକୁ ନେଇ ରବିବାର ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଏପରିକି ଆସନ୍ତା ଡିସେମ୍ବର ୨୨ରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି ବୋଲି ୨୩ ବର୍ଷୀୟ କେରଳ କ୍ରିକେଟର ସାମସନ ସୋସିଆଲ ମିଡିଆ ଫେସବୁକ୍‌ରେ ପ୍ରକାଶ କରିଛନ୍ତି। ଚାରୁଙ୍କ ସହ ଏକାଠି ବସିଥିବାର ଏକ



ଫଟୋକୁ ସାମସନ ନିଜ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ୨୨ ଅଗଷ୍ଟ ୨୦୧୩ରୁ ଚାରୁଙ୍କ ସହ ତାଙ୍କର ସମ୍ପର୍କ ସ୍ଥାପନ ହୋଇଥିବା ଉଲ୍ଲେଖ କରିଛନ୍ତି। ‘ଦୀର୍ଘ ୫ବର୍ଷ ହେଲା ମୁଁ ଏହି ସମୟକୁ ଅପେକ୍ଷା କରିଥିଲି। ଚାରୁଙ୍କ ସହ ଏକ ଫଟୋ ଛାଡ଼ି ପୁରା ବିଶ୍ୱକୁ ଜଣାଇ ଦେବାକୁ ଚାହୁଁଥିଲି କି ଏହି ସ୍ୱତନ୍ତ୍ର ଝିଅ ସହ ମୋ ପ୍ରେମ ସମ୍ପର୍କ ରହିଛି’ ବୋଲି ସାମସନ ଏହି ଫଟୋ ତଳେ କ୍ୟାପସନରେ ଲେଖିଛନ୍ତି। ‘ଆମେ ଉଭୟ ସମୟ ଅତିବାହିତ କରିଥିଲେ ମଧ୍ୟ କେବେ ଏକାଠି ସର୍ବସାଧାରଣରେ କୁଆଡ଼େ ଯାଇ ନ ଥିଲୁ। କିନ୍ତୁ ଉଭୟ ପରିବାର ବିବାହ ନେଇ ସହମତି ପ୍ରକାଶ କରିସାରିଥିବାରୁ ଖୁସି ଅନୁଭବ କରୁଛୁ’ ବୋଲି ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ କହିଛନ୍ତି।



ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଚାମ୍ପିୟନ କିସ୍ ଦଳ ।

# କିସ୍ ଚାମ୍ପିୟନ

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ କିସ୍ ସ୍କୁଲ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ କିସ୍ ୧–୦ ଗୋଲରେ ସୈନିକ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଯଦୁନାଥ ହାଁସଦା ମ୍ୟାଚର ୧୫ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ବିଧାୟକ ବିଜୟ ମହାନ୍ତି, ଅନୁଗୋଳ–ସୁକିନ୍ଦା ରେଲୱେର ବରିଷ୍ଠ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ, ପ୍ରାୟୋଜକ ୟୁନିଲାଇଟ୍‌ର ବରିଷ୍ଠ ଅଧିକାରୀ ସତ୍ୟଜିତ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ପ୍ରିୟନାଥ ମିଶ୍ର, ପ୍ରଣବ କିଶୋର ସ୍ୱାଇଁ, ଅମିୟକାନ୍ତ ମିଶ୍ର, ନରେନ୍ଦ୍ର ସେଠୀ, କ୍ଲବର ସଭାପତି ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥ ସୋରେନ ମ୍ୟାନ ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ। ଦେଲା ବେଶରା ଶ୍ରେଷ୍ଠ ଗୋଲକିପର, ରବି କୁମାର ଶ୍ରେଷ୍ଠ ଡିଫେନ୍ସ, ଶ୍ରେଷ୍ଠ ହାଫ୍ ଶିଭମ୍ ରାଜ, ଶ୍ରେଷ୍ଠ ଫରୱାର୍ଡ କୁନାରାମ ସୋରେନ ଏବଂ ଯଦୁନାଥ ସୋରେନ ପ୍ଲେୟର ଅଫ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ ।

**ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼**
**SHORT QUOTATION CALL NOTICE**
No. 4968 / No. 4972 / No. 4976 of Dtd.31.08.2018

୧୪୦–ରାୟଗଡ଼ା (ସଂ) ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ, ୨୦୧୯ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନରେ ପୋଲିଂ ବୁଥ୍‌ମାନଙ୍କରେ ଏବଂ ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟବହୃତ ହେବାକୁ ଥିବା ଜିନିଷଗୁଡ଼ିକ କ୍ରୟ ନିମନ୍ତେ ଇଚ୍ଛୁକ ସଂସ୍ଥାମାନଙ୍କଠାରୁ ସିଲ୍ କୋଟେସନ୍ ଆହ୍ୱାନ କରାଯାଉଅଛି। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ଓ ଆବେଦନ ଫର୍ମ ଜିଲ୍ଲା ୱେବ୍‌ସାଇଟ (www.rayagada.nic.in) ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଏବଂ ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅଦ୍ୟ ଦିବସଠାରୁ ଉପଲବ୍ଧ ଅଟେ। ଇଚ୍ଛୁକ ସଂସ୍ଥା ଏହି ବିବରଣୀ ପ୍ରାପ୍ତକରି ତା୩୧।୦୮।୨୦୧୮ଠାରୁ ତା୧୭।୦୯।୨୦୧୮ରିଖ ଅପରାହ୍ନ ଦିବା ୪ଘଟିକା ପୂର୍ବରୁ କେବଳ ରେଜିଷ୍ଟର୍ଡ ପୋଷ୍ଟ (Registered Post) / ସ୍ପିଡ୍ ପୋଷ୍ଟ (Speed Post) ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ଗ୍ରହଣର ଶେଷ ତାରିଖ ୧୭।୦୯।୨୦୧୮ ଅପରାହ୍ନ ୪ ଘଟିକା।

ସ୍ୱା./– ଉପ–ଜିଲ୍ଲାପାଳ, ରାୟଗଡ଼

OFFICE OF THE EXECUTIVE ENGINEER
RWS & S DIVISION, BARGARH
Email :- eerwss_bgh@.nic.in, Ph (O):-06646 233220, FAX :- 06646 234626
No. 2568 Dt.1.9.2018

**GOVERNMENT OF ODISHA “e” PROCUREMENT NOTICE**
**Bid Identification No 05 Dt 01.09.2018 of 2018-19**

No.728-O: The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class C or B & ‘B ‘or ‘A’ registered with any department of State Government or equivalent class of Central Govt.etc. to be eventually drawn up in G2 Contract form as per terms and condition noted below.

1. Name of the work :- Execution of different RPW/S schemes under Bargarh District – 06 Nos.
2. Approx. Estimated cost :- Varies from Rs 30.71 lakh to 88.28 lakh
3. Date and time of availability of document in the portal :- Dt 12.9.18 to Dt 28.09.2018 upto 5.00 P.M
4. Last date/ time for receipt of bids in the portal :- Dt 28.09.2018 up to 5.00 P.M
5. Date & time of Opening of Tender :- Dt 29.09.2018 at 11.00 A.M.
6. Name and address of the Officer Inviting Bid :- Executive Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal **“http//tendersorissa.gov.in”**.
The authority reserves the right to reject any or all the tenders without assigning any reason thereof.

25157/11/0016/1819
**Executive Engineer, RWS&S Division, Bargarh**



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ସେପ୍ଟେମ୍ବର ୧୦/୨୦୧୮ Balasore, Monday, September 10/ 2018

■ ଜଳେଶ୍ୱର ରେଳଷ୍ଟେଶନକୁ ଉପେକ୍ଷା, ଅବହେଳା

# ଜିଏମ୍‌ଙ୍କୁ ଭେଟିଲେ ପ୍ରତିନିଧି ଦଳ

ଜଳେଶ୍ୱର,୯।୯(ଡି.ଏନ.ଏ.)/(ସ୍ୱ.ପ୍ର.)

ଉତ୍ତର ବାଲେଶ୍ୱରର ପ୍ରମୁଖ ଷ୍ଟେଶନ ଜଳେଶ୍ୱର ରେଳଷ୍ଟେଶନକୁ କ୍ରମାଗତ ଉପେକ୍ଷା ଓ ଅବହେଳା କରାଯାଇଆସୁଛି। ଏହାର ଉନ୍ନତୀକରଣ କାର୍ଯ୍ୟକରି ଦ୍ରୁତଗାମୀ ଟ୍ରେନ୍ ରହଣି ବ୍ୟବସ୍ଥା କରାଯିବା ସକାଶେ ପୂର୍ବତନ ଏମ୍‌ପି ତଥା ବରିଷ୍ଠ କଂଗ୍ରେସନେତା ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଜଳେଶ୍ୱରରୁ ଏକ ଟିମ୍ କଲିକତା ଅନ୍ତର୍ଗତ ଗାର୍ଡେନ୍‌ରିଚସ୍ଥିତ ଦକ୍ଷିଣ-ପୂର୍ବ ରେଳବାଇ ଜୋନ୍‌ର ମହାପ୍ରବନ୍ଧକ (ଜିଏମ୍)ଙ୍କୁ ଭେଟି ଆଲୋଚନା କରିଛନ୍ତି। ଜଳେଶ୍ୱର ରେଳଷ୍ଟେଶନରେ ଫାଲକନାମା, ହାୱଡ଼ା-ଯଶୋବନ୍ତପୁର, ଖଡ଼ଗପୁର-ପରୁଲିଆ ଭେଲୁପୁରମ, ଗୌହାଟି-ବାଙ୍ଗାଲୋର ଆଦି ସୁପରଫାଷ୍ଟ ଟ୍ରେନ ରହଣି ସହିତ ଖଡ଼ଗପୁର-ଖୋର୍ଦ୍ଧାରୋଡ଼ ଫାଷ୍ଟ ପାସେଞ୍ଜରକୁ ରବିବାର ଚଳାଚଳ କରିବାକୁ ନେଇ ଆଲୋଚନା ହୋଇଥିଲା। ଏହାସହିତ ଟାଟାନଗର-ଖଡ଼ଗପୁର ଟ୍ରେନ୍‌କୁ ବାଲେଶ୍ୱର ପର୍ଯ୍ୟନ୍ତ ଚଲାଇବା ସଙ୍ଗେ ସଙ୍ଗେ ଷ୍ଟେଶନର ୪ ନଂ. ପ୍ଲାଟଫର୍ମ (ପଶ୍ଚିମବାର୍ଡ଼ ପଟ) ରେ ଏକ ଟିକେଟ୍ କାଉଣ୍ଟର ଖୋଲିବା ସହିତ ପାଦଚଲା ପୋଲର ସଂଯୋଗ କରିବାକୁ ଦାବି ହୋଇଛି। ୨୪ ଘଣ୍ଟିଆ ଟିକେଟ୍ ସଂରକ୍ଷଣ ବ୍ୟବସ୍ଥା ସହିତ ଷ୍ଟେଶନର ଆଧୁନିକୀକରଣ ନିମନ୍ତେ ଆଲୋଚନା ହୋଇଥିଲା। ପୂର୍ବତନ ଏମ୍‌ପିଙ୍କ ସହିତ ଜଳେଶ୍ୱର ସମାଜ କଲ୍ୟାଣ ବିକାଶ ପରିଷଦର ସାଧାରଣ ସମ୍ପାଦକ ଆଇନଜୀବୀ ରାମଚନ୍ଦ୍ର ଜେନା, ଶିକ୍ଷକ ଅଜିତ ମହାନ୍ତି, ସୁକୁମାର ରଣା, ଶରତଚନ୍ଦ୍ର ପରିଡ଼ା, ମଧୁଛନ୍ଦା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ଟିମ୍ ଜିଏମ୍‌ଙ୍କ ସହ ଆଲୋଚନା କରୁଛନ୍ତି।

## ସାପ କାମୁଡ଼ାରେ ବଡ଼ଭାଇ ମୃତ, ସାନଭାଇ ଗୁରୁତର

**ଖଇରା,୯।୯(ଡି.ଏନ.ଏ.)**–ଖଇରା ବ୍ଲକ ଅମରିଆ-ଅଗ୍ନିପୁର ପଞ୍ଚାୟତ ଅଧୀନ ଜେମାଦେଇପାଟଣା ଗ୍ରାମର ପ୍ରହଲ୍ଲାଦ ପୃଷ୍ଟିଙ୍କ ବଡ଼ ପୁଅ ପ୍ରଶାନ୍ତ ପୃଷ୍ଟି (୮) ସାପ କାମୁଡ଼ାରେ ରବିବାର ପ୍ରାଣ ହରାଇଛନ୍ତି। ସାନପୁଅ ଗୌରାଙ୍ଗ ପୃଷ୍ଟି (୬) ଗୁରୁତର ହୋଇଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଶନିବାର ରାତିରେ ମା'ବାପା ଓ ୨ ପୁଅ ଗୋଟିଏ ଘରେ ଶୋଇଥିଲେ। ହଠାତ୍ ଏକ ସାପ ୨ ଭାଇଙ୍କୁ କାମୁଡିଥିଲା। ରବିବାର ଭୋର୍‌ରୁ ବଡ଼ପୁଅକୁ ଗୁରୁତର ଅବସ୍ଥାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ବଡପୁଅର ମୃତଦେହ ନେଇ ଘରେ ପହଞ୍ଚିବା ବେଳେ ସାନ ପୁଅ ଯନ୍ତ୍ରଣାରେ ଛଟପଟ ହେବାକୁ ଆରମ୍ଭ କରିଥିଲେ। ତୁରନ୍ତ ତାଙ୍କୁ କଟକ ବଡ଼ଡାକ୍ତରଖାନା ନିଆଯାଇଥିଲା।

## 'ବିପନ୍ନଙ୍କ ପାଖରେ ପହଞ୍ଚିନି ପ୍ରଶାସନ'

ଆରଡି, ୯।୯ (ଡି.ଏନ.ଏ.)

ବୈତରଣୀ ନଦୀର ବନ୍ୟା ଯୋଗୁ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି। ୨୦ ନମ୍ବର ଜାତୀୟ ରାଜପଥର ଷାଠିବାଙ୍କୁଡା ଓ ବୋଡ଼କ ନିକଟରେ ରାସ୍ତା ବୁଡି ୩ ଫୁଟ ଉଚ୍ଚର ପାଣି ଚାଲିଛି। ଫଳରେ ଆରଡି-ଯାଜପୁର ଗମନାଗମନ ବନ୍ଦ ରହିଛି। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ରବିବାର ବନ୍ୟା ପ୍ରଭାବିତ ଓଳଗ ପଞ୍ଚାୟତର ଷାଠିବାଙ୍କୁଡା, ବୋଡ଼କ ଗାଁକୁ ଯାଇ ବନ୍ୟା ସ୍ଥିତି ବୁଲି ଦେଖିବା ପରେ ସବୁ ଅଞ୍ଚଳର ବିପନ୍ନଙ୍କ ପାଖରେ ଏଯାଏ ପ୍ରଶାସନ ପହଞ୍ଚି ନ ଥିବା ଅଭିଯୋଗ କରି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗତ ଶନିବାର ସନ୍ଧ୍ୟାରେ ସେ ଆରଡ଼ି ପଞ୍ଚାୟତର ମୁଆଁ, ସନ୍ତରା, ଶୀତଳପୁର ଆଦି ବନ୍ୟା ପ୍ରଭାବିତ ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ରବିବାର ସକାଳେ ସେ ଷାଠିବାଙ୍କୁଡା ଅଞ୍ଚଳର ଲୋକଙ୍କୁ ଭେଟିଥିଲେ। ବନ୍ୟା ଯୋଗୁ ବିଚ୍ଛିନ୍ନ ହୋଇଥିବା ଗାଁ ବୋଡ଼କକୁ ସେ ପରେ ଭୁଟୁଭୁଟି ଯୋଗେ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଏଠାକାର ଦୁର୍ବଳ ନଦୀବନ୍ଧ ଭାଙ୍ଗିଥିଲେ ଏହି ୨ ଗାଁ ଭାସିଯାଇଥାନ୍ତା ବୋଲି ସେ କହିଥିଲେ। ଏହି ୨ ଗାଁରେ ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଲୋକେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଆଖଣ୍ଡଳମଣି ଜୋନ୍ ସଭାପତି କିଶୋର ନାୟକ, ମଣିଭଦ୍ର ଗୁପ୍ତା, ମିହିର ନାୟକ, ଜୀବନାନନ୍ଦ ପାଢୀ ପ୍ରମୁଖ ତାଙ୍କ ସହ ବନ୍ୟାଞ୍ଚଳ ବୁଲି ଦେଖିଥିଲେ।


ବନ୍ୟାପାଣି ଘେରରେ ଲୋକେ।

## ଦୁର୍ଘଟଣାରେ ପୂର୍ବତନ ସେନା କର୍ମଚାରୀଙ୍କ ମୃତ୍ୟୁ

**ଭଦ୍ରକ ଅଫିସ,୯।୯**–ଶନିବାର ବିଳମ୍ବିତ ରାତିରେ ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ଜାମୁଝାଡ଼ି ଓଭରବ୍ରିଜ ନିକଟରେ ଦୁର୍ଘଟଣା ଘଟି ପୂର୍ବତନ ସେନା କର୍ମଚାରୀ ରାମଚନ୍ଦ୍ର ନାୟକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସାବରଙ୍ଗ କ୍ଷୀରସାହି ଗ୍ରାମରେ। ସେ ବାଇକ୍ ଯୋଗେ ବାଲେଶ୍ୱରରୁ ଭଦ୍ରକ ଫେରୁଥିବା ବେଳେ ଓଭରବ୍ରିଜ ଉପରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସିମୁଳିଆ ଥାନା ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ରବିବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ୧୦ ସେପ୍ଟେମ୍ବର, ୨୦୧୮



# ହୁଲି ଡଙ୍ଗାରେ ଲଟକିଛି ଜୀବନ

ରାଇସୁଆଁ, ୯।୯(ଡି.ଏନ.ଏ.)



ଲୋକେ ହୁଲି ଡଙ୍ଗାରେ ନଦୀ ପାର ହେଉଛନ୍ତି।

- ବିପଦସଙ୍କୁଳ ଭାବେ ଯାତାୟାତ
- କେନ୍ଦୁଘାଟିବାସୀଙ୍କୁ ଭଗବାନ ଭରସା

ଆଜି ବି ଏପରି ଗାଁ ରହିଛି ଯେଉଁଠି ଲୋକଙ୍କ ଆର୍ଥିକ ବିକାଶ ତଥା ମୌଳିକ ସୁବିଧା ଯୋଗାଇବାରେ ଗମନାଗମନ ବାଧକ ହୋଇଛି। ଗାଁକୁ ଯିବାକୁ ପକ୍କା ରାସ୍ତା ନାହିଁ। ଲୋକେ ଜୀବନକୁ ବାଜି ଲଗାଇ ନଦୀ ପାର ହୋଇ ଗାଁକୁ ଯାତାୟାତ କରୁଛନ୍ତି। ଏଭଳି ଅବସ୍ଥା କେନ୍ଦୁଝର ଜିଲାରେ ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳର ଲୋକେ ହୁଲି ଡଙ୍ଗାରେ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଫୁଲଝର ପଞ୍ଚାୟତର କେନ୍ଦୁଘାଟି ଗ୍ରାମର ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ବିପଦସଙ୍କୁଳ ଭାବେ ବୈତରଣୀ ପାଣ ହୋଇ ବିଭିନ୍ନ କାର୍ଯ୍ୟକୁ ଯାଉଛନ୍ତି। ଗାଁକୁ ନଦୀ ଘେରି ରହିଛି। ଅନ୍ୟପଟେ ମଲଦା ନଦୀ ପଛପଟେ କାଳିମାଟି ପାହାଡ କରାଳ ରୂପରେ ଛିଡା ହୋଇଛି। ଉକ୍ତ ସ୍ଥାନ ପାହାଡି ଅଞ୍ଚଳ ହୋଇଥିବାରୁ ବର୍ଷା ଦିନେ ନଦୀର ସ୍ରୋତ ଖୁବ ପ୍ରଖର ରହିଥାଏ। ଉକ୍ତ ଗ୍ରାମଟି ବର୍ଷା ଦିନେ ଜଳବନ୍ଦୀ ହୋଇ ରହିଥାଏ। ଗ୍ରାମଠାରୁ ୬ କି.ମି ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ହୁଲି ଡଙ୍ଗାରେ ନଦୀ ପାର ହୋଇ ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି। ବିପଦସଙ୍କୁଳ ଭାବେ ନଦୀ ପାରି ହୋଇ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯାଉଛନ୍ତି। ଏ ନେଇ ନିର୍ବାଚନ ଆସିଲେ ବହୁ ରାଜନେତା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ଅଦ୍ୟାବଧି ନଦୀ ଉପରେ ପୋଲ ନିର୍ମାଣ ହୋଇପାରୁନି। ଡଙ୍ଗାରେ ଯେଉଁ ନାଉରୀଆ ନଦୀ ପାରି କରନ୍ତି ସେ କେବେ କାହାରିଠୁ ଟଙ୍କା ନିଅନ୍ତି ନାହିଁ। କେବଳ ବର୍ଷକୁ ୨୦ ମାଣ ଧାନ ନେଇଥାନ୍ତି। ସେଥିରେ ତାଙ୍କର ପରିବାର ଚଳିଥାଏ। ନଦୀରେ ପୋଲ ନିର୍ମାଣ ପାଇଁ ଡିଏମଏଫ ପାଣ୍ଠିରୁ ୮ କୋଟି ୨୨ ଲକ୍ଷ ୯୩ ହଜାର ଟଙ୍କା ମଞ୍ଜୁର ହୋଇଛି। ୨୦୧୭ରୁ ମାତ୍ର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପୋଲ ନିର୍ମାଣ ହୋଇ ନ ଥିବା ଅଭିଯୋଗ ହେଉଛି। ଲୋକେ ନାହିଁ ନ ଥିବା ଅସୁବିଧାରେ ରହୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପୋଲ ନିର୍ମାଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ଚାଳକ ଗୁରୁତର

ଢେଙ୍କିକୋଟ, ୯।୯(ଡି.ଏନ.ଏ.): ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ ଢେଙ୍କିକୋଟ ବଜାରରେ ପଡ଼ି ଘଟଗାଁ ବ୍ଲକ ବଡ଼ ମସିଣା ବିଲା ପଞ୍ଚାୟତ ସାନମସିଣା ବିଲା ଗ୍ରାମର ପରମେଶ୍ୱର ମହାନ୍ତ ଗୁରୁରତ ହୋଇଛନ୍ତି। ବାଇକ୍ (ନଂ.ଓଡ଼ି୦୯ଇ-୦୮୯୨) ଯୋଗେ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଢେଙ୍କିକୋଟ ଓଭରବ୍ରିଜ୍ ମଝିରେ ଥିବା ଏକ ଖାଲରେ ପିଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଘଟଗାଁ ଡାକ୍ତରଖାନାକୁ ନେଇଥିଲେ। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଭରତ ଚନ୍ଦ୍ର ନାୟକ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ।

### ଘୋଷରା ପୋଲ ଉପରେ ଆଣ୍ଠୁଏ ପାଣି

ରାଇସୁଆଁ, ୯।୯(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ କାଦଗଡ଼ ଘୋଷରା ପୋଲରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଯାତାୟାତ ଠପ ହୋଇଯାଇଛି। ଉକ୍ତ ପୋଲ ଉପରେ କାଦଗଡ, ମହାଦେଈଯୋଡ଼ା, ପଦ୍ମପୁର, ରାଇସୁଆଁ, ବାଉରୀପଦା, ନରସିଂପୁର ନୂଆଗାଁ, ବୀରକିଶୋରପୁର, କେନ୍ଦୁପଶି, ବରଦାପାଳ, ଫୁଲଝର ଆଦି ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରନ୍ତି। ପ୍ରବଳ ବର୍ଷା ଯୋଗୁ ପଦ୍ମପୁର, ରାଇସୁଆଁ ଆଦି ଅଞ୍ଚଳର ବହୁ ଗ୍ରାମ୍ୟ ରାସ୍ତା ପାଣି ଘେରରେ ରହିଛି।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ପାଟଣା, ୯।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଖଡିକାପଡା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ରବିବାର ପୋଲିସ ଗିରଫ କରିଛି। ସେ ହେଲେ ଶଶୀ ଭୂଷଣ ଲୋହାର। ଶନିବାର ଅପରାହ୍ନରେ ଏକାକୀ ପାଇ ଟେକି ନେଇ ଘରର ବାରଣ୍ଡାରେ ଯୁବତୀ ଜଣଙ୍କୁ ଶଶୀ ଭୂଷଣ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ପାଟଣା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୧୨୫/୧୮) ରୁଜୁ ହୋଇଥିବା ଏସଆଇ ବୈଲୋଚନ ସିଂ ଓ ଏଏସଆଇ ଅଶୋକ କୁମାର ନାଏକଙ୍କଠାରୁ ସୂଚନା ମିଳିଛି।

### ୭ ଶିକ୍ଷକଙ୍କୁ କାସାଣ୍ଡ୍ରା ସମ୍ମାନ



ଆନନ୍ଦପୁର, ୯।୯(ସ୍ୱ.ପ୍ର.): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍କୁଲରେ ଶିକ୍ଷକତା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ୭ ଜଣ ଶିକ୍ଷକଙ୍କୁ କେନ୍ଦୁଝର ଜିଲାର ସମ୍ମାନ ଜନକ କାସାଣ୍ଡ୍ରା ସମ୍ମାନ-୨୦୧୮ ମିଳିଛି। ପବିତ୍ର ଗୁରୁଦିବସ ଅବସରରେ ସମ୍ପୃକ୍ତ ଶିକ୍ଷକମାନଙ୍କୁ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧରୁ ଆନନ୍ଦପୁର ପୌରପରିଷଦ ଫକୀରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବ ରାମ ସାହୁ ଅନ୍ୟତମ। ଦୀର୍ଘ ୪ ବର୍ଷ କାଳ ସଂପୃକ୍ତ ହାଇସ୍କୁଲରେ ନିରନ୍ତର କାର୍ଯ୍ୟ କରିବା ସହିତ ଛାତ୍ରୀଛାତ୍ରଙ୍କର ସୁଖ ଦୁଃଖର ସାଥୀ ହୋଇଥିବା ପ୍ରଧାନ ଶିକ୍ଷକଙ୍କର ଶିକ୍ଷାନୁଷ୍ଠାନ ପ୍ରତି ରହିଥିବା ଅତୁଳନୀୟ ଅବଦାନ ଉକ୍ତ ସମ୍ମାନଜନକ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରିଥିଲେ।
ତାଙ୍କର କୃତିତ୍ୱ ପାଇଁ ତାଙ୍କୁ ଓଷ୍ଟା କେନ୍ଦୁଝର ଜିଲା ସଭାପତି ଶାନ୍ତନୁ କୁମାର ମିଶ୍ର ଶୁଭେଚ୍ଛା ଜ୍ଞାପନ କରିବା ସହ ବିଦ୍ୟାଳୟରେ ଖୁସି ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଘସିପୁରା ବ୍ଲକ ସାଇଁକୁଳ ନେହେରୁ ହାଇସ୍କୁଲର ଶିକ୍ଷକ ନରେଶ ପତି, ଗଡବାନ୍ଧଗୋଡା କଲ୍ୟାଣୀ ବିଦ୍ୟାପୀଠର ନାରାୟଣ ସାହୁ, ହାଟଡିହୀ ବ୍ଲକ ବଞ୍ଚୋ ବରାହୀ ହାଇସ୍କୁଲର ଶିକ୍ଷକ ମେହେନ୍ଦ୍ର ଜେନା, ଶାସଙ୍ଗ ହାଇସ୍କୁଲର ଶାନ୍ତିଲତା ରାଉତ, ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ସୁର, କୋଲିମାଟି ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ଦାଶ ଉକ୍ତ ସମ୍ମାନ ପାଇଛନ୍ତି।

## ତେଲି ଅର୍ଶଳା ଆଶ୍ରମ ବିଦ୍ୟାଳୟ
# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

ଝୁମ୍ପୁରା, ୯।୯(ଡି.ଏନ.ଏ.)



ତେଲି ଅର୍ଶଳା ଆଶ୍ରମ ବିଦ୍ୟାଳୟ।

ଝୁମ୍ପୁରା ବ୍ଲକ ଅର୍ଶଳା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ତେଲି ଅର୍ଶଳା (ଜୁଆରିଗୁଡ଼ା) ଗ୍ରାମରେ ତେଲି ଅର୍ଶଳା ଆଶ୍ରମ ବିଦ୍ୟାଳୟ ରହିଛି। ଅରଡେଇ ନଦୀ କୂଳରେ ଉକ୍ତ ବିଦ୍ୟାଳୟ ୧୯୯୨ରେ ସ୍ଥାପିତ ହୋଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୩୩୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ବର୍ତ୍ତମାନ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ରହିବା ବ୍ୟବସ୍ଥା ରହିଛି। ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ଅଭାବ କାରଣରୁ ବେଶୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ଗ୍ରହଣ କରିବା ସମ୍ଭବ ନୁହେଁ ବୋଲି କୁହାଯାଉଛି। ମସୁଦାୟ ୧୭ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ କରିବାର ବ୍ୟବସ୍ଥା ରହିଥିଲେ ହେଁ ବର୍ତ୍ତମାନ ୭ ଜଣ ଶିକ୍ଷକ ରହିଛନ୍ତି।
ଅରଡେଇ ନଦୀ ପାର୍ଶ୍ୱରେ ବିଦ୍ୟାଳୟ ରହିଥିବା ବେଳେ ପାଚେରି ନାହିଁ। ନଦୀ ପାଣି ବିଦ୍ୟାଳୟ ବଗିଚା ପାଖକୁ ଚାଲି ଆସୁଛି। ନଦୀ ପାର୍ଶ୍ୱ ବହୁ ଲଟାଝଟା ମାଡି ହୋଇ ରହିଛି। ଛାତ୍ରୀଛାତ୍ରଙ୍କ ପାଇଁ ବିପଦସଙ୍କୁଳ ପରିସ୍ଥିତି ସୃଷ୍ଟି ହୋଇଛି। ପାଣି ନିଷ୍କାସନ ପାଇଁ ଡ୍ରେନେଜ ଉତ୍ତମ ବ୍ୟବସ୍ଥା ନାହିଁ। ନଦୀ ପାର୍ଶ୍ୱରୁ ସାପ ଆଦି ସରିସୃପ ବିଦ୍ୟାଳୟ ପରିସରକୁ ଆସିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଗହଣରେ ଆତଙ୍କ ସୃଷ୍ଟି ହେଉଛି। ବର୍ଷାଦିନରେ ଆଶ୍ରମ ବିଦ୍ୟାଳୟର ସମସ୍ୟା ବଢି ଚାଲଛି।
ଆଶ୍ରମ ବିଦ୍ୟାଳୟ ଗୁଡିକରେ ବିଲଡିଙ୍ଗ ପାଚେରି ଅଦି ନିର୍ମାଣର ବ୍ୟବସ୍ଥା ସମନ୍ୱୀତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ଦାୟିତ୍ୱ ରହିଛି। ଅନ୍ତେବାସୀଙ୍କ ଖାଦ୍ୟପେୟ ସହ ଆନୁଷଙ୍ଗିକ ସମସ୍ତ ପରିଚାଳନା ବ୍ୟବସ୍ଥା ଜିଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ନିୟନ୍ତ୍ରୀତ ହେଉଛି। ତଦାରଖ କରିବା ପାଇଁ ବ୍ଲକ ସ୍ତରରେ ମଙ୍ଗଳ ଅଧିକାରୀ ରହିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ କାର୍ତ୍ତିକେଶ୍ୱର ମହାନ୍ତଙ୍କୁ ପଚାରିବାରୁ ଆଶ୍ରମ ବିଦ୍ୟାଳୟର ସମସ୍ୟା ନେଇ ଜିଲା ମଙ୍ଗଳ ଅଧିକାରୀଙ୍କ ସହ ଚକ୍ଷୁଆସ୍ଥିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ)କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ପାଚେରି ଡ୍ରେନେଜ ବ୍ୟବସ୍ଥାକୁ ନେଇ ଆଇଟିଡିଏର ସହକାରୀ ଯନ୍ତ୍ରୀ ତପନ ପଟ୍ଟନାୟକଙ୍କୁ ପଚାରିବାରୁ ବିଦ୍ୟାଳୟର ପାଚେରି ନିର୍ମାଣ ସହିତ ଆନୁଷଙ୍ଗିକ ନିର୍ମାଣ ନେଇ ଇଷ୍ଟିମେଟ ହୋଇଛି। ନଦୀ ପାର୍ଶ୍ୱରେ ପାଚେରୀ ନିର୍ମାଣ ହେବ ବୋଲି ସେ କହିଛନ୍ତି। ବିଦ୍ୟାଳୟରେ ଶିକ୍ଷକ ଅଭାବ ସହିତ ଆନୁଷଙ୍ଗିକ ସମସ୍ୟା ନେଇ ବ୍ଲକ ମଙ୍ଗଳ ଅଧିକାରୀ ଆଶୁତୋଷ ଲୋକନାଥ ଘଡେଇଙ୍କୁ ପଚାରିବାରୁ ଏ ନେଇ ଜିଲା ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଛି ବୋଲି ସେ କହିଥିଲେ।

## ବଳଭଦ୍ର ନାରାୟଣ ସଂସ୍କୃତ କଲେଜରେ ସଂସ୍କୃତ ଦିବସ

ଆନନ୍ଦପୁର, ୯।୯(ସ୍ୱ.ପ୍ର.)
ଆନନ୍ଦପୁର ବ୍ଲକ ଟୁକୁଣାଠାରେ ଥିବା ବଳଭଦ୍ର ନାରାୟଣ ସଂସ୍କୃତ କଲେଜ ପରିସରରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଛାତ୍ରୀଛାତ୍ର ବୈତରଣୀରୁ ଜଳକଳସ ଆଣି ସଂସ୍କୃତ ମାତାର ପୂଜାର୍ଚ୍ଚନା କରିବା ସହିତ ଗ୍ରାମ ପରିକ୍ରମା କରିଥିଲେ। ମହାବିଦ୍ୟାଳୟ ପରିସରରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଶାସ୍ତ୍ରୀ ପ୍ରଥମ ବର୍ଷର ଛାତ୍ରୀ ଶ୍ୱେତବାଳା ମିଶ୍ର ପ୍ରଥମ, ତୃତୀୟ ବର୍ଷର ଛାତ୍ରୀ ପ୍ରିୟଙ୍କା ସାହୁ ଦ୍ୱିତୀୟ, ତୃତୀୟ ବର୍ଷର ଛାତ୍ରୀ ବନ୍ଦନା ଜେନା ଓ ଉପଶାସ୍ତ୍ରୀ ବିଭାଗର ପ୍ରଥମ ବର୍ଷର ଛାତ୍ର ଆଶୁତୋଷ ମିଶ୍ର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ।
ଆୟୋଜିତ ସଭାରେ ଅଧକ୍ଷା ଡ. ଇନ୍ଦିରା ଶୁଭଦର୍ଶିନୀ ଚକ୍ରଙ୍କ ସଭାପତିତ୍ୱରେ ଆନନ୍ଦପୁର ମହାବିଦ୍ୟାଳୟ ସଂସ୍କୃତ ବିଭାଗର ମୁଖ୍ୟ ଧୀରେନ କୁମାର ପତିମୁଖ୍ୟ ଅତିଥି, ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପଣ୍ଡିତ ବାଞ୍ଛାନିଧି ଶତପଥୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପଣ୍ଡିତ ଶତପଥୀଙ୍କୁ ସଂସ୍କୃତ ଜଗତ ତଥା ଶିକ୍ଷାନୁଷ୍ଠାନ ପ୍ରତି ଅତୁଳନୀୟ ଅବଦାନ ପାଇଁ 'ସଂସ୍କୃତ ସୌରଭ'ସମ୍ମାନରେ ସମ୍ମାନିତ କରିଥିଲେ।

## ଶିଳ୍ପ ସଚେତନତା ଶିବିର

କେନ୍ଦୁଝର, ୯।୯(ସ୍ୱ.ପ୍ର.)
କେନ୍ଦୁଝର ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ସଦର ବ୍ଲକ ପଦ୍ମପୁର ଆଇଟିଆଇରେ କେନ୍ଦ୍ରର ସାଧାରଣ ପରିଚାଳକ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଶିଳ୍ପ ସଚେତନତା ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଇଟିଆଇଅଧକ୍ଷ ବି.କେ. ଦାନୀ, ବ୍ୟାଙ୍କ ଅଫ ଇଣ୍ଡିଆର ପୀତବାସ ମହାପାତ୍ର, କେନ୍ଦ୍ର ସହକାରୀ ପରିଚାଳକ ଗୌରମୋହନ ସିଂ ପ୍ରମୁଖ ଯୋଗଦେଇ ଶିଳ୍ପ ମାଧ୍ୟମରେ ବେକାରି ସମସ୍ୟା କିପରି ଦୂର କରାଯାଇପାରିବ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ସୁରେନ୍ଦ୍ର କୁମାର ଦାସ ଶିଳ୍ପନୀତି ଓ ସରକାରଙ୍କ ନିଯୁକ୍ତି ସୃଷ୍ଟି ପାଇଁ ଥିବା ଯୋଜନା ଉପରେ କହିଥିଲେ। ଅନୁଷ୍ଠାନର କର୍ମଚାରୀ ରବି ରତ୍ନ ମହାନ୍ତ, ଦୈତାରୀ ମହାନ୍ତ ସହଯୋଗ କରିଥିଲେ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା
ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।






@ ଟ୍ୱିଙ୍କିଲ



@ ଅନିମେଶ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଆକାଶ ଏକାଦଶ ଚାମ୍ପିୟନ

କେନ୍ଦୁଝର, ୯।୯ (ସ୍ୱ.ପ୍ର.)
ଝୁମ୍ପୁରା ବ୍ଲକ ଖେଣ୍ଡରାଠାରେ ମା' ତାରିଣୀ କ୍ଲବ ତରଫରୁ ଚାଲିଥିବା ୨୨ତମ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୩୨ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ଆକାଶ ଏକାଦଶ ପାଟକୁଳ ୧-୦ ଗୋଲ ଦେଇ ତେଲି ଅର୍ଶଳା ଫୁଟବଲ ଦଳକୁ ହରାଇ ଚମ୍ପିୟନ ହୋଇଛି। ଲାଲା ବାରିକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବରେ ସମାଜସେବୀ ବାବୁରାମ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପୂର୍ବତନ ଏମପି ମାଧବ ସର୍ଦ୍ଦାର, ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।
ଫାଇନାଲ ମ୍ୟାଚରେ ରେଫରୀ ଭାବେ ସୁଦର୍ଶନ ବାରିମ ଖେଳ ପରିଚାଳନା କରିଥିଲେ। ଶେଷରେ ଗଣେଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ରନର୍ସଅପ ଦଳକୁ ଟ୍ରଫି ସହ ଦେଢ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତୃତୀୟ ବିଜେତା ବନ୍ଦବେଢା ଓ ଚତୁର୍ଥ ବିଜେତା ଭାବେ କୁଟୁଗାଁକୁ ୧ ହଜାର ଲେଖାଁଏ ସାନ୍ତ୍ୱନା ପୁରସ୍କାର ପ୍ରଦାନ କରାଯାଇଥିଲା। ଫଟୋ ଖେଳରେ ଯୋଗ ଦେଇଥିବା ଖେଳାଳି।

## ସଡ଼କ ଦୁର୍ଘଟଣାରେ ଜଣେ ଗୁରୁତର

ପାଟଣା, ୯।୯(ସ୍ୱ.ପ୍ର.)
ପାଟଣା ଥାନା ୨୨୦ ନମ୍ବର ରାଞ୍ଚି ବିଜୟୱାଡ଼ା ଜାତୀୟ ରାଜପଥ ରାସ୍ତାର ଖୁଣ୍ଟିବେଡା ନାଳ ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଇକ ସହ ସ୍କୁଟି ଧକ୍କା ହେବାରୁ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପାଟଣା ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ ହାଟଡ଼ିହୀ ଛେନା ପଦୀ ଅଞ୍ଚଳର ରବି ନାରାୟଣ ନନ୍ଦ। ତାଙ୍କ ବାଇକର ପଛରେ ବସିଥିବା ବଡ ପଟଣା ଗ୍ରାମର ପ୍ରଶାନ୍ତ କୁମାର ଭଞ୍ଜ ଆହତ ହାଇଛନ୍ତି। ସ୍କୁଟିରେ ବସି ଯାଉଥିବା ୨ ଆରୋହୀ ମଧ ଆହତ ହୋଇଛନ୍ତି। ସେମାନେ ହେଲେ ମଙ୍ଗଳପୁର ଗ୍ରାମର ଅର୍ଜୁନ ଚରଣ ମହାନ୍ତ ଓ ଡିଆ ନାଳୀ ଗ୍ରାମର ହରିହର ମହାନ୍ତ।

## ରାସ୍ତାରେ ଧାନ ରୋଇ ପ୍ରତିବାଦ



ରାସ୍ତାରେ ଧାନ ରୋଉଛନ୍ତି ଲୋକେ।

ଯୋଡ଼ା, ୯।୯(ଡି.ଏନ.ଏ.)
ଯୋଡ଼ା ଥାନା ବିଲେଇପଦା-ଦେଓଝର ରାସ୍ତା ୩ଦିନ ଧରି ଜାମ ରହିଥିଲା। ଦେଓଝର ପଞ୍ଚାୟତବାସୀ ଅତିଷ୍ଠ ହୋଇ ଉକ୍ତ ରାସ୍ତାରେ ରବିବାର ଧାନ ରୋଇ ଦୃଢ ପ୍ରତିବାଦ କରଛନ୍ତି। ଦେଓଝର ସରପଞ୍ଚ ମଙ୍ଗଳ ମୁଣ୍ଡା, ସମିତି ସଭ୍ୟ ଯୁଧିଷ୍ଠିର ପଲେଇଙ୍କ ନେତୃତ୍ୱରେ ଶତାଧିକ ପଞ୍ଚାୟତବାସୀ ଦେଓଝର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। ପରେ ସେହି ସ୍ଥାନରେ ଧାନ ରୋଇଥିଲେ। ଗ୍ରାମ୍ୟ ରାସ୍ତାରେ ୨୪ ଘଣ୍ଟା ଧରି ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ଚଳାଚଳ କରୁଛି। ଫଳରେ ରାସ୍ତା ଶୋଚନୀୟ ହୋଇପଡୁଛି। ରାସ୍ତା ଜାମ ହେଉଛି। ଜନସାଧାରଣଙ୍କ ଯାତାୟାତ ଠପ୍ ହୋଇ ଯାଇଛି। ରାସ୍ତା ଜାମରେ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରୀଛାତ୍ର ଅସୁବିଧା ଭୋଗୁଛନ୍ତି। ସେମାନେ ଠିକ୍ ସମୟରେ ସ୍କୁଲରେ ପହଞ୍ଚି ପାରୁନାହାନ୍ତି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।
ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନୋ-ଏଣ୍ଟ୍ରି ନିୟମ ଲାଗୁ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଯୋଡ଼ା ଥାନା ଆଇଆଇସି ମନୋଜ କୁମାର ରାଉତ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨ ଦିନ ମଧ୍ୟରେ ତାହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ବିନା ସୂଚନା ଫଳକରେ ଚାଲିଛି କାମ

ପାଟଣା,୯।୯(ସ୍ୱ.ପ୍ର.)
ପାଟଣା ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟରେ ବିଭାଗୀୟ ଅଧିକାରୀଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ନିୟମକୁ ଖୋଲା ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ଖିରେଇଟାଙ୍ଗିରୀ ମହାରଣା ସାହିରେ ୨ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାର ନିର୍ମାଣ ହୋଇଥିବା ପକ୍କା ରାସ୍ତା କାମ ବିନା ସୂଚନା ଫଳକରେ ସାରି ଦେବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଯନ୍ତ୍ରୀମାନେ କାମ ସ୍ଥଳରେ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହେଉଛି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ଯୋଡିପଦା ବିଜୟୀ

ପାଟଣା, ୯।୯( ସ୍ୱ.ପ୍ର.)
ପାଟଣା ବ୍ଲକ କଣ୍ଟିଆପଡ଼ା ପଞ୍ଚାୟତ ଜାମୁନାଳିଆ ଗ୍ରାମର ସବୁଜ ବନାନୀ କ୍ଲବର ୧୦ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ବିଜୟୀ ଦଳ ତେରଣ୍ଟି ଯୋଡିପଦାକୁ ନଗଦ ୨୦ ହଜାର ଟଙ୍କା ଓ ରନର୍ସଅପ ସେଭେନ ଷ୍ଟାର କ୍ଲବ ଗୋପୀନାଥପୁରକୁ ୧୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଣ୍ଟିଆପଡ଼ା ସରପଞ୍ଚ ଚକ୍ରଧର ନାଏକ ଓ ନାଏବ ସରପଞ୍ଚ ଚମ୍ପାବତୀ ମହାନ୍ତ ଯୋଗ ଦେଇଥିଲେ।

# ଗାଁରେ ପହଞ୍ଚିନି ବିକାଶର ଛାପ

ରାଇସୁଆଁ, ୯।୯(ଡି.ଏନ.ଏ.)



ପୁଟଳ ମୁଣ୍ଡାସାହି ରାସ୍ତା।

**ପୁଟଳମୁଣ୍ଡାସାହି**
- ମୌଳିକ ସୁବିଧା ଅପହଞ୍ଚ
- କାଦୁଅ ପଚପଚ ରାସ୍ତା
- ବିଜୁଳି ଆଲୁଅ ସାତ ସପନ

କେନ୍ଦୁଝର ଜିଲା ସଦର ଅଞ୍ଚଳର ବହୁ ଗ୍ରାମକୁ ବିକାଶର ଛାଇ ପଡ଼ିନି। ଗ୍ରାମରେ ପକ୍କା ରାସ୍ତା, ପାନୀୟ ଜଳ, ଶିକ୍ଷାବ୍ୟବସ୍ଥା, ବିଦ୍ୟୁତ ଆଲୋକ ଅପହଞ୍ଚ ହୋଇଛି। ସଦର ବ୍ଲକ ଶଙ୍କିରୀ ପଞ୍ଚାୟତ ପୁଟଳମୁଣ୍ଡାସାହିକୁ ଦେଖିଲେ ତାହା ସହଜେ ଅନୁମେୟ। ଉକ୍ତ ଅଞ୍ଚଳଟି ପାହାଡ଼ି ଇଲାକାରେ ରହିଛି। ଜିଲା ମୁଖ୍ୟାଳୟଠାରୁ ୧୪ କି.ମି. ଦୂରରେ ସମ୍ପୃକ୍ତ ଗାଁ ରହିଛି। ସେଠାରେ ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି। ୯୫ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର ଲୋକେ ରହୁଛନ୍ତି। ୫ ଶହ ଲୋକଙ୍କୁ ଏକ ମାତ୍ର ନଳକୂପ ରହିଛି। ନଳକୂପଟି ଅଚଳ ହେଲେ ପାନୀୟଜଳ ସମସ୍ୟା ଲାଗିରହୁଛି। ଅଞ୍ଚଳରେ ଏକ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଶିଶୁମାନେ ବାରଦୁଆର ହୋଇ ଶିକ୍ଷା ଗ୍ରହଣ କରୁଛନ୍ତି। କାଦୁଅ ପଚପଚ ରାସ୍ତାରେ ଲୋକେ ଯାଉଛନ୍ତି। ଆମ୍ବୁଲାନ୍ସ ଗ୍ରାମକୁ ଆସିପାରୁନି। ରୋଗୀଙ୍କୁ ଖଟିଆରେ ନେବାକୁ ପଡ଼େ। ବିଜୁଳି ଆଲୁଅ ସାତ ସପନ ହୋଇଛି। ଗ୍ରାମକୁ ବିଜୁଳି ଆଲୋକ ପାଇଁ ଖୁଣ୍ଟ ପୋତା ଯାଇଛି। ବିଦ୍ୟୁତ୍ ସରଞ୍ଜାମ ଆସିଛି। ତାହା କାର୍ଯ୍ୟକାରୀ ହୋଇପାରୁନି। ଅଞ୍ଚଳଟି ଅନ୍ଧାରରେ ରହୁଛି। ଗ୍ରାମ ନିକଟରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି। ତାହାର ପାଚେରି ନ ଥିବାରୁ ଜଙ୍ଗଲୀ ଜୀବଜନ୍ତୁ, ସରୀସୃପ ଭୟ ରହିଛି। ବିଦ୍ୟାଳୟରେ ଏକ ମାତ୍ର ପାଇଖାନା ଥିବା ବେଳେ ତାହା ଅତି ନିମ୍ନମାନ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ସଂକ୍ଷେପରେ



### ସଡ଼କ ଦୁର୍ଘଟଣାରେ ବାର୍ହା ମୃତ

**କେନ୍ଦୁଝର, ୯।୯(ସ୍ୱ.ପ୍ର.):** କେନ୍ଦୁଝର ସଦର ରେଞ୍ଜ ପଳାସପଙ୍ଗା ଗ୍ରାମ ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ଏକ ମୃତ ଜଙ୍ଗଲୀ ବାର୍ହାକୁ ରବିବାର ସକାଳେ ବନ ବିଭାଗ ଉଦ୍ଧାର କରିଛି। ବାର୍ହାଟିର ମୁହଁରେ କ୍ଷତ ଥିବାବେଳେ ରକ୍ତ ବାହାରୁଥିବାରୁ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା କୁହାଯାଉଛି। ଓଡ଼ିଶା ସ୍ପଞ୍ଜ ଲୁହା କାରଖାନା ଦୀର୍ଘ ୫ ବର୍ଷ ହେଲା ବନ୍ଦ ରହିଥିବାରୁ ତାହାର ପରିସରରେ ଘଞ୍ଚ ଜଙ୍ଗଲ ହୋଇଛି। ସେଠାରେ ହାତୀ ପଲ ପଶି ଅନେକ ସମୟରେ ଉପଦ୍ରବ କରୁଛନ୍ତି। ବାର୍ହା, ଭାଲୁ, ସାପ ଆଦି ଜୀବଜନ୍ତୁଙ୍କ ଆଶ୍ରୟ ସ୍ଥଳୀରେ ପରିଣତ ହୋଇଯାଇଛି। ମୃତ ବାର୍ହାର ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି।

### ଆଦର୍ଶ ବରିଷ୍ଠ ଶିକ୍ଷକ ସମ୍ମାନିତ

**କେନ୍ଦୁଝର, ୯।୯(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ଗୁରୁଦିବସ ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡ଼ର ବରିଷ୍ଠ ଗୁରୁଜୀ ଲମ୍ବୋଦର ମହାନ୍ତଙ୍କୁ ଆଦର୍ଶ ଶିକ୍ଷକ ମାନ୍ୟତା ପ୍ରଦାନ କରାଯାଇଛି। ଓଡ଼ିଶା ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ଭୁବନେଶ୍ୱରସ୍ଥିତ ଇଡିକଲ ଅଡିଟୋରିମ୍ ପରିସରରେ ମହାନ୍ତଙ୍କୁ ସମ୍ମାନ ପୂର୍ବକ ପ୍ରମାଣପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇଛି।

ଓଡ଼ିଶା ରାଜ୍ୟ ୟୁଟିଆ ସଂଘର ସ୍ଥାୟୀ ସଭାପତି ବିକ୍ରମ କେଶରୀ ବର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଏବଂ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ କୁମାର ଜେନା ଯୋଗଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସଭାରେ ଭୁବନେଶ୍ୱର ବିଧାୟକ ପ୍ରିୟଦର୍ଶିନୀ ମିଶ୍ର ଓ ଭୁବନେଶ୍ୱର ମେୟର ଅନନ୍ତ ନାୟାରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍କାଉଟ ମାଷ୍ଟର ସମ୍ବର୍ଦ୍ଧିତ

**କେନ୍ଦୁଝର, ୯।୯ (ସ୍ୱ.ପ୍ର.):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପୂର୍ବତନ ସଭାପତି ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ପଞ୍ଚଦଶ ଶ୍ରାଦ୍ଧଦିବସରେ ଏକ କାର୍ଯ୍ୟକ୍ରମରେ କେନ୍ଦୁଝର ଡିଏନ ହାଇସ୍କୁଲର ସ୍କାଉଟ ମାଷ୍ଟର ବିଜୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ମୁଖ୍ୟ କମିଶନର କାଳି ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ମହାନ୍ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ବିଷ୍ଣୁଚରଣ ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା ଯୋଗଦେଇ ତାଙ୍କୁ ମାନପତ୍ର, ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

### ଆନ୍ତର୍ଜାତିକ ସାକ୍ଷରତା ଦିବସ

**କେନ୍ଦୁଝର, ୯।୯(ସ୍ୱ.ପ୍ର.):** ସ୍ଥାନୀୟ ଜେଲରୋଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡ଼ ପରିସରରେ ଶନିବାର ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଗୁରୁଜୀ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ଦେଇଥିଲେ। ସହପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ନିଜର ବକ୍ତବ୍ୟ ରଖିଲେ। ଆଚାର୍ଯ୍ୟ ମହେଶ୍ୱର ନାଥ ଯୋଗଦଇ ଶିକ୍ଷା ବିନା ମାନବ ସମାଜ ତଥା ଦେଶର ପ୍ରଗତି ଅସମ୍ଭବ। ଯେଉଁ ଦେଶରେ ସାକ୍ଷରତା ହାର ଯେତେ ବେଶି ସେ ଦେଶ ପ୍ରଗତିଶୀଳ ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଗତ ଶିକ୍ଷାବର୍ଷରେ ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ ପ୍ରାନ୍ତୀୟ ମେଧା ଓ ଭାରତୀକୃଷ୍ଣ ପରୀକ୍ଷାରେ ୧୭ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଦେବାଶିଷ ସାମଲ ସଭା ପରିଚାଳନା କରିଥିଲେ। ଗୁରୁଜୀଗୁରୁମା ସହଯୋଗ କରିଥିଲେ।

# ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ଜୁଆଙ୍ଗ ଶିଶୁ

**କେନ୍ଦୁଝର, ୯।୯(ସ୍ୱ.ପ୍ର.)**



ପୁଷ୍ଟିକର ଖାଦ୍ୟ ଅପେକ୍ଷାରେ ଜୁଆଙ୍ଗ ଶିଶୁ।

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ବୁଢାଖମଣ ପଞ୍ଚାୟତ ନୋଡ଼ାମ ଜୁଆଙ୍ଗ ଜନଜାତିବହୁଳ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଶିଶୁମାନେ ଶିଶୁ ଖାଦ୍ୟରୁ ବଞ୍ଚିତ ହୋଇଛନ୍ତି। ସମସ୍ତ ଶିଶୁ କିପରି ପ୍ରାକ୍ ପ୍ରାଥମିକ ଶିକ୍ଷା ସହ ସୁଷମ ଓ ପୁଷ୍ଟିକର ଖାଦ୍ୟ ପାଇବେ ସେ ନେଇ ପ୍ରତ୍ୟେକ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନା କରାଯାଇଛି। ଗ୍ରାମରେ ଆବଶ୍ୟକତାକୁ ଦେଖି ଅଙ୍ଗନୱାଡି କେନ୍ଦ୍ର ସହ ଉପକେନ୍ଦ୍ର ମଧ୍ୟ ସ୍ଥାପନା କରାଯାଇଛି। ଫଳରେ ଅପପୁଷ୍ଟି ବା ପୁଷ୍ଟିହୀନତା ରୋକିବା ସହ ଶିଶୁ ମୃତ୍ୟୁହାର କମାଯାଇ ପାରୁଛି।

ମାତ୍ର ବୁଢାଖମଣ ପଞ୍ଚାୟତ ନୋଡାମ ଜୁଆଙ୍ଗ ଜନଜାତି ବହୁଳ ଗ୍ରାମରେ ଅଙ୍ଗନୱାଡି ନ ଥିବାରୁ ଶିଶୁମାନେ ଅଢେଇ କି.ମି ଦୂର ସୋମଗିରି ଗ୍ରାମରେ ଥିବା ଅଙ୍ଗନୱାଡିକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ବଣପାହାଡ଼ ଘେରା ଅଞ୍ଚଳ ହୋଇଥିବାରୁ ସର୍ବଦା ହାତୀ ଓ ଅନ୍ୟ ବନ୍ୟଜନ୍ତୁ ସମସ୍ୟା ଲାଗିରହୁଛି। ବିପର୍ଯ୍ୟସ୍ତ ରାସ୍ତାଘାଟ ଯୋଗୁ ଶିଶୁମାନେ ଯିବାଆସିବା କରିପାରୁନାହାନ୍ତି ବୋଲି ଅଭିମନ୍ୟୁ ଜୁଆଙ୍ଗ କହିଛନ୍ତି।

**ଗାଁର ନାଁ ନୋଡ଼ାମ**
- ଅଙ୍ଗନୱାଡି କେନ୍ଦ୍ର ନାହିଁ
- ହୋଇପାରୁନି ପାଠପଢା
- ପ୍ରଶାସନର ଦୃଷ୍ଟି ପଡୁନି

ସରକାର ପୁରାତନ ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ କରିବା ପାଇଁ ବହୁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିବାବେଳେ ନୋଡାମ ଭଳି ଜୁଆଙ୍ଗ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ପାଖାପାଖି ୨୦ ଶିଶୁ ପାଠପଢା ଓ ପୁଷ୍ଟିକର ଖାଦ୍ୟ ଖାଇବାରୁ ବଞ୍ଚିତ ରହୁଛନ୍ତି। ଗରିବ ଶ୍ରେଣୀର ଉକ୍ତ ଶିଶୁମାନେ ପୁଷ୍ଟିହୀନତା ରୋଗର ଶିକାର ହେଉଛନ୍ତି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ଅଙ୍ଗନୱାଡି କେନ୍ଦ୍ର ସ୍ଥାପନା ପାଇଁ ଗ୍ରାମବାସୀ ବହୁବାର ଦାବି କରିଆସୁଥିଲେ ହେଁ କେହି ଶୁଣୁନଥିବା ଅଭିଯୋଗ ହେଉଛି।

## ଦିନକର କାହାଣୀ

# '୪୦ ବର୍ଷର ସାଥୀ ଖବରକାଗଜ'

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୯।୯(ସ୍ୱ.ପ୍ର.)**

ତାଙ୍କର ଦୀର୍ଘ ୪୦ ବର୍ଷର ସାଥୀ ଖବରକାଗଜ। ଖବରକାଗଜ ବିତରକ ଭାବେ ସେ ବେଶ ପରିଚିତ। ବହୁ ଯୁବକଙ୍କୁ ଉକ୍ତ ବିତରଣ କାମରେ ନିୟୋଜିତ କରିପାରିଛନ୍ତି। ସାଇକେଲରେ ଘର ଘର ବୁଲି ଖବରକାଗଜ ବାଣ୍ଟିବାକୁ ତାଙ୍କୁ ଭାରି ଭଲ ଲାଗେ। ୬୦ ଟଙ୍କା ବେତନରେ ପ୍ରଥମେ କାମ କରିଥିଲେ। ପରେ ସମ୍ପୃକ୍ତ ବେଉସାରେ ଘର ଓ ପରିବାର ଭରଣପୋଷଣ କରି ଆଜି ମାସକୁ ୬ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି। ସେ ହେଲେ କେନ୍ଦୁଝର ସହର ଧର୍ନୁର୍ଯ୍ୟୟପୁର ଅନ୍ତର୍ଗତ ଆଟପୁରର ବୃନ୍ଦାବନ ଜେନା(୬୫)। ଠିକ୍ ସମୟରେ ସବୁ କାମ କରନ୍ତି। ଏହି କାମ କରି ସେ ବେଶ ଖୁସି ଅଛନ୍ତି। ଅନେକ ସମୟରେ ଲୋକେ ଖବରକାଗଜ ପଇସା ଦିଅନ୍ତି ନାହିଁ। ଫଳରେ ଦୁଃଖ ଲାଗେ ବୋଲି ବୃନ୍ଦାବନ କୁହନ୍ତି।

ସକାଳ ୫ଟାରେ ଉଠି ନିତ୍ୟକର୍ମ ସାରି ଚା' ପିଇ ଖବରକାଗଜ ବିତରଣରେ ବାହାରିଯାଆନ୍ତି। ମଧ୍ୟାହ୍ନ ୧୨ଟାରେ ଘରକୁ ଫେରି ବିଶ୍ରାମ ନେଇଥାନ୍ତି। ୨ଟାରେ ଉଠି ଗାଧୋଇ ପରେ ଭୋଜନ କରି ପୁଣି ବିଶ୍ରାମ ନେଇଥାନ୍ତି। ଭୋଜନରେ ଭାତ,



ଖବରକାଗଜ ବିତରକ ବୃନ୍ଦାବନ।

ଡାଲି, ତରକାରି ଆଦି ଖାଇବାକୁ ଭଲ ପାଆନ୍ତି। ମାସ ଶେଷରେ ଖବରକାଗଜ ବିଲ ଆଦାୟ ପାଇଁ ଲାଗି ପଡ଼ନ୍ତି। ଅଭାବ ଅସୁବିଧା ମଧ୍ୟରେ ରହୁଥିଲେ ହେଁ ୨ ପୁଅ, ସ୍ତ୍ରୀଙ୍କ ସହ ବେଶ ଖୁସିରେ ରହୁଛନ୍ତି। ବଡ଼ ପୁଅ ଖବରକାଗଜ ବିତରକ ଭାବେ କାମ କରି ବାପାଙ୍କୁ ସହାୟତା କରନ୍ତି। ତାଙ୍କର ସରଳତା ପାଇଁ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। ସେ ପ୍ରଥମେ ପୌରପାଳିକାରେ ଅସ୍ଥାୟୀ କର୍ମଚାରୀ ଭାବରେ କାମ କରୁଥିଲେ। ପରବର୍ତ୍ତୀ ସମୟରେ କାମରୁ ବାହାର କରିଦିଆଯିବାରୁ ଖବରକାଗଜ ବିତରଣ କାମ ଆରମ୍ଭ କରିଥିଲେ। ପୁରୁଣା ସାଇକେଲ ତାଙ୍କର ବନ୍ଧୁ ହୋଇରହିଛି।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




ଆନନ୍ଦପୁର ଓ କୋଲିମାଟିଠାରେ ବିଜେଡି କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ଆନନ୍ଦପୁର/କୋଲିମାଟି, ୯।୯(ସ୍ୱ.ପ୍ର.)**

ତୈଳଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ଅପାରଗତାକୁ ଦାୟୀ କରି ଆନନ୍ଦପୁର ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା ହୋଇଥିଲା। ପେଟ୍ରୋଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନନ୍ଦପୁର ବିଧାୟକ ମାୟାଧର ଯେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏମ୍‌ପି ପ୍ରତିନିଧି ଦେବପ୍ରିୟ ପାତ୍ର, ଯୁବ ବିଜେଡି ରାଜ୍ୟ ଉପସଭାପତି ରାକେଶ କୁମାର ରାମ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅରତୀ ସିଂହ, ନଗର ବିଜେଡି ସଭାପତି ରମାକାନ୍ତ ବେହେରା, ବିଧାୟକ ପ୍ରତିନିଧି ଜଗତାନନ୍ଦ ସାମଲ, ଘସିପୁରା ଯୁବ ବିଜେଡି ସଭାପତି ଦେବିଦତ ନାୟକ, କାଉନସିଲର ମମତାରାଣୀ ଜେନା, ସରସ୍ୱତୀ ଯୋନ, ପୂର୍ବତନ ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ସମାଜସେବୀ ବିଜୟ ମିଶ୍ର, ରାଜୀବ ଜେନା, ବାପୁନ ସେନାପତି ଶରତ ସାହୁ, ସଞ୍ଜୟ ଦଲେଇ, ରାଜା ଦଲେଇ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇ ଶାଳପଡା ଛକ, ବାରିଗାଁ, ଗୋହିରା ପେଟ୍ରୋଲ ପମ୍ପ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଗାମୀ ଦିନରେ ତୈଳଦର ନିୟନ୍ତ୍ରଣ ଉପରେ କେନ୍ଦ୍ର ସରକାର ଦୃଷ୍ଟି ନ ଦେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଥିଲେ।

ସେହିପରି ଆନନ୍ଦପୁର ବ୍ଲକ ଧକୋଠା ପେଟ୍ରୋଲ ପମ୍ପ ନିକଟରେ ତୈଳଦର ବୃଦ୍ଧି ପ୍ରତିବାଦରେ ରବିବାର ବିଜେଡି କର୍ମୀ ବିକ୍ଷୋଭ କରିଥିଲେ। ଏଥିରେ ଯୁବ ବିଜେଡି ନେତା ରଣଜିତ ପୃଷ୍ଟି ଓ ବୀରଭଦ୍ର ସେଠୀ, ସୁର୍ଦଶନ ସାହୁ, ରଞ୍ଜୀତ ସାହୁ, ପ୍ରତାପ ପୃଷ୍ଟି, ବୈରାଗ ସାହୁ, କୁଶ ଖିଲାର, ଉଦୟ ଗୁପ୍ତା, ଦୀପକ ବେହେରା, ଗୁରୁ ପାତ୍ର, ଚନ୍ଦ୍ରମଣି ନାଏକ, ବାବୁଲି ଧୀର, ଭଗବାନ ସାହୁ ପ୍ରମୁଖ କର୍ମୀ ସାମିଲ ହୋଇଥିଲେ।

## ଡାକଘର ନାମ ବଦଳୁନି

**କେନ୍ଦୁଝର,୯।୯ (ସ୍ୱ.ପ୍ର.)**

ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ନାମକରଣ ବହୁବର୍ଷ ବିତିଯାଇଥିଲେ ହେଁ ସେଠାରେ ଚାଲିଆସିଥିବା ଉପ ଡାକଘରର ନାମ ବଦଳି ନାହିଁ । ତାହାର ନାମ ରହିଛି କେନ୍ଦୁଝର ସାଇନ୍ସ କଲେଜ ଉପଡାକଘର । ଉକ୍ତ ମହାବିଦ୍ୟାଳୟ ୧୯୫୭ରେ ପ୍ରତିଷ୍ଠା ହୋଇଥିଲା। ପରେ ଇଣ୍ଟରମେଡିଏଟ ସାଇନ୍ସ କଲେଜ ଭାବରେ ନାମିତ ହୋଇଥିଲା। ୧୯୮୩-୮୪ରେ ନାମ ପରିବର୍ତ୍ତନ ହୋଇ ଧରଣୀଧର ମହାବିଦ୍ୟାଳୟ ହୋଇଥିଲା। ୨୦୦୪ ସେପ୍ଟେମ୍ବର ୨୪ରେ ସ୍ୱୟଂଶାସିତ ମହାବିଦ୍ୟାଳୟର ନାମରେ ନାମିତ ହୋଇଥିଲା। ଏହା ସତ୍ତ୍ୱେ ଡାକବିଭାଗର ଖାମଖିଆଲ ମନୋଭାବ ଯୋଗୁ ଉପ ଡାକଘରର ନାମ ବଦଳାଯାଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# ପାଟଣାରେ ବିଜୁଳି ଲୁଚକାଳି

**ପାଟଣା, ୯।୯(ସ୍ୱ.ପ୍ର.)**

ପଟଣା ବ୍ଲକ ଅଞ୍ଚଳରେ ଗୁରୁବାରଠାରୁ ବିଜୁଳି ବିଭ୍ରାଟ ଦେଖାଦେଇଛି। ଲୋକେ ବିଜୁଳି ସୁବିଧା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ତୁରୁମୁଙ୍ଗା ସେକ୍ସନ ଅଧୀନରେ ଥିବା ପାଟଣା ବ୍ଲକ ସମେତ ଓ ଚମ୍ପୁଆ ବ୍ଲକର ଜ୍ୟତିପୁର ଅଞ୍ଚଳ ଅନ୍ଧାରରେ ରହିଥିଲା। ପଟଣା ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ, ଥାନା ଓ ବ୍ଲକ ପ୍ରଭାବିତ ହୋଇଛି। ତୁରୁମୁଙ୍ଗା ଥାନାରେ କାମ ବ୍ୟାଘାତ ହୋଇଥିଲା। ସ୍ଥାନୀୟ ଏଚପି ପେଟ୍ରୋଲ ପମ୍ପରେ ଅସ୍ଥାୟୀ ଭାବେ ଥାନା କାର୍ଯ୍ୟ ଚାଲି ଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏ ନେଇ ବିଦ୍ୟୁତ୍ ବିଭାଗୀୟ ତୁରୁମୁଙ୍ଗା ଉପଖଣ୍ଡ ଅଧିକାର ଆଶୁତୋଷ ପଣ୍ଡାଙ୍କୁ ପଚାରିବାରୁ ତୁରୁମୁଙ୍ଗାରୁ ଖିରେଇଟାଙ୍ଗିରି ମଧ୍ୟରେ ବଜ୍ରପାତରେ ୯ ଇନ୍ସୁଲେଟର ଓ ଡ଼ିସ ଫାଟି ଯାଇଥିଲା। ମରାମତି କାମ ଚାଲିଛି ବୋଲି ସେ କହିଛନ୍ତି। ବିଦ୍ୟୁତ୍ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଶ୍ୟାମସୁନ୍ଦର ନାୟକଙ୍କୁ ପଚାରିବାରୁ ଆଉ ୨ଦିନ ମଧ୍ୟରେ ପାଟଣାରେ ବିଦ୍ୟୁତ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

# ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର



ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଶିଶୁକନ୍ୟା(ମଝି)।

**ବଡ଼ବିଲ, ୯।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ପଶୁପତି ନଗରସ୍ଥିତ ରାସ୍ତାକଡ଼ରେ ପଡ଼ିଥିବା ଜଣେ ନବଜାତ ଶିଶୁକନ୍ୟାଙ୍କୁ ରବିବାର ସକାଳେ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଶିଶୁକନ୍ୟାଙ୍କୁ ଲୋକେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର ସୌଦାମିନୀ ଧଳ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଙ୍କୁ ନିର୍ଦ୍ଦିଷ୍ଟ ତାପାମାତ୍ରରେ ରଖାଯାଇଥିଲେ ହେଁ ଚାଇଲ୍ଡ ଲାଇନ ସାହାଯ୍ୟରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର ଧଳ କହିଛନ୍ତି। ଶିଶୁ କନ୍ୟାକୁ ରାସ୍ତା କଡ଼ରେ କିଏ କ'ଣ ପାଇଁ ଛାଡି ଯାଇଛି ତାହାର କାରଣ ସ୍ପଷ୍ଟ ହୋଇନାହିଁ।

## ବିଜୁ ଯୁବ ବାହିନୀ ସମୀକ୍ଷା ବୈଠକ

**ଆନନ୍ଦପୁର,୯। ୯(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକରେ ବିଜୁ ଯୁବ ବାହିନୀର ଏକ ସମୀକ୍ଷା ବୈଠକ ହୋଇଯାଇଛି। ବିଡିଓ ଉମାକାନ୍ତ ପରିଡ଼ାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜୁ ଯୁବ ବାହିନୀ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୂପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଆନନ୍ଦପୁର ଉପଜିଲାପାଳ ତପନ କୁମାର ନାୟକ, ସାଂସଦ ପ୍ରତିନିଧି ଦେବପ୍ରିୟ ପାତ୍ର, ଓସ୍କା ନିର୍ଦ୍ଦେଶକ ଧରିତ୍ରୀ ରାଉତ, ବ୍ଲକ ଅଧ୍ୟକ୍ଷା ମମତା ନାଇକ ପ୍ରମୁଖ ଉପସ୍ଥିତ ରହି ଆନନ୍ଦପୁର ବ୍ଲକ ଓ ପୌରପରିଷଦର ସମସ୍ତ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ବିଜୁ ଯୁବ ବାହିନୀ ସଂଯୋଜକ ପ୍ରେମାନନ୍ଦ ସେନାପତି, ଆନନ୍ଦପୁର ବ୍ଲକ ସଂଯୋଜକ ହିମାଂଶୁ କୁମାର ରାମ, ପୌରପରିଷଦ ସଂଯୋଜକ ଆଇନଜୀବୀ ଭାଗୀରଥି ଦାଶ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଚମ୍ପୁଆରେ ରାଷ୍ଟ୍ରୀୟ ଲୋକଅଦାଲତ

**ଚମ୍ପୁଆ, ୯।୯(ଡି.ଏନ.ଏ.)**

ଚମ୍ପୁଆ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଦୌରାଜଜ ଡ. ପବିତ୍ରମୋହନ ସାମଲ, ସବ୍‌ଜଜ ରଞ୍ଜୁଲତା ଲେଙ୍କା, ଏସଡିଜେଏମ ସ୍ୱୟଂପ୍ରଭା ଆଚାର୍ଯ୍ୟ ଆଦିଙ୍କ ଉପସ୍ଥିତି ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରାକ୍ ମକଦ୍ଦମା ୧୮୪ କେସରୁ ୬ଟିରେ ଫଇସଲା ହୋଇଥିଲା। ୧ ଲକ୍ଷ ୬୨ ହଜାର ୩୯୦ଟଙ୍କା ଜରିମାନ ଆଦାୟ ହୋଇଥିଲା। କୋର୍ଟରେ ପେଣ୍ଡିଙ୍ଗ ହୋଇଥିବା ୫୦ଟି କେସରୁ ୧୧ଟିର ଫଇସଲା ହୋଇ ୧୨ଲକ୍ଷ ୮୨ ହଜାର ୯ଟଙ୍କା ଆଦାୟ ହୋଇଥିଲା। ରାଜସ୍ୱ କେସ୍‌ରେ ୩୪୬ରୁ ୩୨୮ଟିର ଫଇସଲା କରାଯାଇ ୫୦ ହଜାର ୧୪୫ ଟଙ୍କା ଆଦାୟ କରାଯାଇଛି। ରାଷ୍ଟ୍ରୀୟ ଲୋକ ଅଦାଲତକୁ ଅବଦୁଲ ସ୍ୱରାଜ ଖାନ ପରିଚାଳନା କରିଥିଲେ।

# ପରିବେଶ ସ୍ୱଚ୍ଛ ରଖିବାକୁ ଶପଥ



ସ୍ୱଚ୍ଛ ଭାରତ ପାଇଁ ଛାତ୍ରୀଛାତ୍ର ଶପଥ ନେଉଛନ୍ତି।

**ଚମ୍ପୁଆ, ୯।୯(ଡି.ଏନ.ଏ.)**

ସ୍ୱଚ୍ଛ ଚମ୍ପୁଆ ସବୁଜ ଚମ୍ପୁଆ ଲକ୍ଷ୍ୟ ନେଇ ସଚେତନତା ବାର୍ତ୍ତା ଦିଆଯାଉଛି। ଚମ୍ପୁଆ ଏନଏସି ପକ୍ଷରୁ ଏକ ସପ୍ତାହ ବ୍ୟାପି ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏନଏସିକୁ ବାହ୍ୟ ମଳମୁକ୍ତ ଭାବେ ଗଢି ତୋଳିବା ସହ ଜଳ ପରିମଳ ଉପରେ ବିଭିନ୍ନ ବିଦ୍ୟାଳୟଗୁଡ଼ିକୁ ଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଏ ନେଇ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଛାତ୍ରୀଛାତ୍ର ଶପଥ ନେଇଥିଲେ।

ଚମ୍ପୁଆ ଏନଏସି ଅନ୍ତର୍ଗତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ କରାଯାଇଛି। ନିଜେ ସ୍ୱଚ୍ଛ ରହିବା ସହ ଅଞ୍ଚଳ, ରାଜ୍ୟ ତଥା ଦେଶକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ନେଇଥିଲେ। ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ଅଧ୍ୟକ୍ଷା ଗୀତାରାଣୀ ନାଏକ, ଉପାଧ୍ୟକ୍ଷ ମାନସ ରଞ୍ଜନ ପଶାୟତ, ଯୁବବାହିନୀ ସଂଯୋଜିକା ସେବତୀ ମହାକୁଡ, ସମ୍ପାଦକ ଛତ୍ରପତି ନାଏକ ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ।

# ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା

**ଚମ୍ପୁଆ, ୯।୯(ଡି.ଏନ.ଏ.)**

**କଷ୍ଟ ଭୋଗୁଛନ୍ତି ଲିତୁ**

ଚମ୍ପୁଆ ଏନଏସି ଗୋଧୂଳି ଗ୍ରାମରେ ଅର୍ଥ ଅଭାବରୁ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀଙ୍କ ଚିକିତ୍ସା ହୋଇ ପାରୁନି। ସେ ଦୈନିକ କଷ୍ଟ ଭୋଗୁଛନ୍ତି। ଜନ୍ମ ସମୟରେ ଠିକ୍ ଥିଲେ ହେଁ ବୟସ ବଢିବା ପରେ ଶରୀର ବକ୍ରାକୃତି ହୋଇଯାଇଛି। କଷ୍ଟ ସହି ମଧ୍ୟ ଛାତ୍ରୀ ଜଣଙ୍କ ଦୈନିକ ବିଦ୍ୟାଳୟକୁ ଆସୁଥିବା ଶିକ୍ଷୟିତ୍ରୀମାନେ କହୁଛନ୍ତି। ଗୋଧୂଳି ଗ୍ରାମର ପଟେଲ ନାଏକ ଓ ଟିଙ୍କିଙ୍କ ଦୁଇ ସନ୍ତାନ ହେଉଛନ୍ତି ଆକାଶ ଏବଂ ଲିତୁ। ପଟେଲ ଏକ ଦୋକାନରେ କାମ କରି ଅଳ୍ପ ରୋଜଗାରରେ ପରିବାର ପ୍ରତିପୋଷଣ କରୁଛନ୍ତି। ବୟସ ୭ ବର୍ଷ ହୋଇଥିଲେ ହେଁ ଲିତୁଙ୍କ ଶାରୀରିକ ଅଭିବୃଦ୍ଧି ହୋଇ ପାରିନି। ଗୋଧୂଳି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖା ପରେ ଲିତୁ ଦୈନିକ ବିଦ୍ୟାଳୟ ଆସୁଛନ୍ତି। ଖେଳ କୁଦରେ ଇଚ୍ଛା ରଖିଥିଲେ ମଧ୍ୟ ଶାରୀରିକ ଅବସ୍ଥାକୁ ନେଇ ସେ ଖେଳି ପାରୁ ନ ଥିବା ତଥା ବିଦ୍ୟାଳୟରେ ପଢିବା ସମୟରେ ଶାରୀରିକ କଷ୍ଟ ସହି ନ ପାରି



ଲିତୁଙ୍କ ପିଠି ବଙ୍କା ହୋଇଯାଉଛି।

ପଛକୁ ଦୁଇ ହାତରେ ଭରା ଦେଇ ବସୁଥିବା ଶିକ୍ଷୟିତ୍ରୀମାନେ କହୁଛନ୍ତି।

ଲିତୁଙ୍କୁ ୨ଥର କେନ୍ଦୁଝର ଚିକିତ୍ସାଳୟ ସହ ଝାଡ଼ଖଣ୍ଡର ନୂଆଁମୁଣ୍ଡିଠାରେ ଚିକିତ୍ସା ପାଇଁ ପରିବାରର ଲୋକ ନେଇ ଥିଲେ। ଦୁର୍ବଳତା ଯୋଗୁ ତାର ଅପରେଶନ କରାଯାଇ ପାରିବ ନାହିଁ ବୋଲି ଡାକ୍ତର ସୂଚନା ଦେଇଥିଲେ। ସେହିଦିନଠାରୁ ଲିତୁର ଛାତି ଆଗକୁ ବାହାରୁଥିବାବେଳେ ପିଠି ପାଖ ବଙ୍କା ହେବାରେ ଲାଗିଛି। ତୁରନ୍ତ ଏଥିପ୍ରତି ପ୍ରଶାସନିକ ପଦକ୍ଷେପ ନେଇ ଶାରୀରିକ ଅକ୍ଷମ ଲିତୁର ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।